## ମହିଳାଙ୍କୁ ଦୁର୍ବ୍ୟବହାର: ଅଭିଯୁକ୍ତଙ୍କୁ ଦୁଇ ବର୍ଷ ଜେଲ୍

**ଆସିକା,୬ ।୩(ସମିସ):** ଗାଙ୍ଗପୁର ଥାନା ଅଞ୍ଚଳର ଜଣେ ହରିଜନ ମହିଳାଙ୍କୁ ଗତ ୨୦୨୩ ମସିହା ଜୁଲାଇ ୩୦ରେ ସେହି ଅଞ୍ଚଳର ଜଣେ ଯୁବକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୁକ୍ତ ଯୁବକ ସୁବାଷ ଗୌଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବୁଧବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜିଲ୍ଲା ଜଜ୍ ପ୍ରବୀର କୁମାର ଚୌଧୁରୀ ୭ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୬ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି।

## ସ୍ତ୍ରୀ ସହ ବଚସା ପରେ ସ୍ୱାମୀର ଆତ୍ମହତ୍ୟା

**ବାଲିଗୁଡା,୬।୩(ସମିସ):** ପାରିବାରିକ କଳହର କରୁଣ ପରିଣତି । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ପରେ ସ୍ୱାମୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମୃତକ ବାଳିଗୁଡ଼ା ଥାନା ରେବିଙ୍ଗିଆ ପଞ୍ଚାୟତର ସାତାମାଣ୍ଡା ଗ୍ରାମର ଡଗରା ମଲ୍ଲିକ । ସକାଳୁ ସମ୍ପର୍କୀୟ ଲୋକେ ଡଗରା ଏକ ଗଛ ଡାଳରେ ଦଉଡ଼ିରେ ଝୁଲୁଥିବା ଦେଖି ଫାଣ୍ଡି ପୁଲିସ ଅଧିକାରୀଙ୍କୁ ଜଣାଇଥିଲେ । ଖବର ପାଇ ଘଟଣାସ୍ଥଳରେ ବାରଖମା ଫାଣ୍ଡି ପୁଲିସ ପହଁଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି । ସୂଚନା ପ୍ରକାରେ ଡଗରା ମଲ୍ଲିକ ନିଜ ଶଶୁର ଗାଁ ବାରଖମା ପଞ୍ଚାୟତର ସିରୁବାଲି ଗ୍ରାମକୁ ଏକ ଭୋଜି କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିଲେ । ସେଠାରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା । ଏହା ପରେ ସ୍ୱାମୀ ଡଗରା ଗାଁ ନିକଟସ୍ଥ ଏକ ଗଛରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି ।

## ଡାକ୍ତରଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ପାରଳାଖେମୁଣ୍ଡି,୬ ।୩(ସମିସ):** ପାରଳାଖେମୁଣ୍ଡି ସହରରେ ପୁଣି ଚୋରି ମାମଲା ସାମନାକୁ ଆସିଛି । କିଛି ମାସ ହେଲା ଚୋରି ସଂଖ୍ୟା ଥମିଥିବା ବେଳେ ବୁଧବାର ପୁଣି ଏକ ଚୋରି ଘଟଣା ହୋଇଛି । ସହରର ପୁରୁଣାପାଟଣା ରାସ୍ତାରେ ଥିବା ଗଜପତି ନଗରରେ ଜଣେ ଡାକ୍ତରଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା, ଲ୍ୟାପଟପ୍ ଚୋରି ହୋଇଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ ହୋଇଅଛି । ପୂର୍ବରୁ ପାରଳାଖେମୁଣ୍ଡିରେ ବାରମ୍ବାର ଚୋରି ହେଉଥିବା ବେଳେ ପ୍ରଶାନ୍ତ ଭୂପତି ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ଭାବରେ ଦାୟିତ୍ୱ ନେବା ପରେ ଚୋରି କିଛି ମାତ୍ରାରେ ଥମିଥିଲା । ହେଲେ ଏବେ ପୁଣି ଥରେ ଚୋରି ଆତଙ୍କ ପ୍ରକାଶ ପାଇଛି । ସୂଚନା କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଆନେସ୍ଥେସିଆ ଡାକ୍ତର ଅଶ୍ୱିନୀକୁମାର ପ୍ରଧାନଙ୍କ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ । ଡାକ୍ତର ଜଣକ ଚାରି ଦିନ ହେଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଯୁକ୍ତ ହୋଇଛନ୍ତି । ଘରେ ସମସ୍ତ ଆସବାବପତ୍ର ରହିଥିଲେ ମଧ୍ୟ ଏସି ନଥିବା କାରଣରୁ ସେ ଗତକାଲି ରାତିରେ ସାଙ୍ଗଙ୍କ ଘରକୁ ଶୋଇବାକୁ ଯାଇଥିଲେ । ଆଜି ସକାଳ ପ୍ରାୟ ୯ ଘଣ୍ଟା ସମୟରେ ସେ ରହୁଥିବା ଗଜପତି ନଗର ସ୍ଥିତ ଭଡା ଘରକୁ ଆସି ଦେଖିବା ବେଳେ ଚୋରି ହୋଇଥିବା ଜାଣିପାରିଥିଲେ । ତାଙ୍କ ଘରୁ କାର୍ଯ୍ୟାଳୟ ସମ୍ବନ୍ଧିତ ଏକ ଲାପଟପ, ୯୦ ଗ୍ରାମ ଓଜନର ସୁନା ଅଳଙ୍କାର ଏବଂ ୨୦ ଗ୍ରାମ ଓଜନର ରୂପା ଚୋରି ହୋଇଥିବାର ଜଣାପଡଛି । ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ଶ୍ରୀ ଭୂପତିଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଓ ପୁଲିସ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏନେଇ ପାରଳା ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରାଯାଇଥିବାର ସୂଚନା ପ୍ରଦାନ କରାଯାଇଛି ।

## ଛାତ୍ରଙ୍କୁ ଅପହରଣ ଅଭିଯୋଗ

**ଦିଗପହଣ୍ଡି,୬ ।୩(ସମିସ):** ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଗାଇଡ଼ା ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ର ରାହୁଲ ନାୟକଙ୍କୁ ଅପହରଣ କରାଯାଇଥିବା ନେଇ ବୁଧବାର କେ. ନୂଆଗାଁ ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ପୋଲିସ ଟିମ୍ ଗ୍ରାମରେ ପହଞ୍ଚି ସରଜମିନ ତଦନ୍ତ କରି ଫେରିଛନ୍ତି। ପରିବାର ଲୋକେ ବିଭିନ୍ନ ଗ୍ରାମକୁ ଯାଇ ଖୋଜା ଖୋଜି କରିଥିଲେ ମଧ୍ୟ ରିପୋର୍ଟ ଲେଖାହେବା ସୁଦ୍ଧା ତାଙ୍କ ସନ୍ଧାନ ମିଳିପାରିନାହିଁ। ଛାତ୍ର ଜଣକ ଗ୍ରାମ ନିକଟସ୍ଥ ତଲାସିଙ୍ଗି ଗ୍ରାମ ହାଇସ୍କୁଲରେ ପାଠ ପଢୁଥିବା ବେଳେ ବୁଧବାର ସକାଳୁ ପରୀକ୍ଷା ଦେବା ପାଇଁ ସ୍କୁଲ ଯାଉଥିବା କହି ଘରୁ ଯାଇଥିଲେ ମଧ୍ୟ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ନ ଥିବା ହାଇସ୍କୁଲ ପ୍ରଧାନଶିକ୍ଷକ ପରିବାର ଲୋକଙ୍କୁ ଜଣାଇଥିବା ପୋଲିସକୁ ସୂଚନା ଦେଇଥିଲେ। ଗତ ଜାନୁଆରୀ ୬ ତାରିଖରେ ବାପା ମାଙ୍କ ଅନୁପସ୍ଥିତିରେ କେହି ଜଣେ ଘରେ ପଶି ରାହୁଲଙ୍କୁ ନିଶା ଇଞ୍ଜେକସନ ଦେଇ ଅଚେତ କରିଦେଇଥିବାବେଳେ ଘରେ ଥିବା ପ୍ରାୟ ପାଞ୍ଚ ବର୍ଷର ଛୋଟ ଭଉଣୀଙ୍କୁ ଗୋଡ଼ ହାତ ବାନ୍ଧି ଦେବା ସହ ତାଙ୍କୁ ନିର୍ଦ୍ଦୟ ମାଡ଼ ମାରି ସେଠାରୁ ଚମ୍ପଟ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏପରିକି କିଛିଦିନ ପୂର୍ବେ ଛାତ୍ରଙ୍କୁ ସ୍କୁଲ ନ ଯିବା ପାଇଁ କେହି ଜଣେ ବ୍ୟକ୍ତି ଧମକ ଦେଇଥିବାରୁ ସେ ସ୍କୁଲକୁ ଯାଇନଥିଲେ। ପରୀକ୍ଷା ପାଇଁ ଶିକ୍ଷକ ଙ୍କ ଠାରୁ ସୂଚନା ମିଳିବା ପରେ ସେ ପରୀକ୍ଷା ଦେବାକୁ ସ୍କୁଲ ଯାଇଥିବା ପରିବାର ଲୋକେ କହିଛନ୍ତି। ଘଟଣାପରେ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡ଼ ଗ୍ରାମରେ ପହଞ୍ଚି ସତ୍ୟାସତ୍ୟ ଜାଣିବା ପରେ ଥାନାକୁ ସବିଶେଷ ତଥ୍ୟ ପ୍ରଦାନ କରିଥିବା ଜଣାଇଛନ୍ତି।

## ଅଟୋ ସହ ବାଇକ୍ ମୁହାଁମୁହିଁ , ୧୦ ଆହତ

ଫିରିଙ୍ଗିଆ,୬।୩(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଣ୍ଡାସାହି ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଦଶରୁ ଅଧିକ ଯାତ୍ରୀ ଆହତ ହୋଇଥିବା ବେଳେ ଛଅ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ମଙ୍ଗଳବାର ରାତିରେ ଫିରିଙ୍ଗିଆ ବାଲିଗୁଡା ମୁଖ୍ୟରାସ୍ତାର ମୁଣ୍ଡାସାହି ବୁଲାଣି ନିକଟରେ ବାଲିଗୁଡା ପଟୁ ଆସୁଥିବା ଏକ ଅଟୋକୁ ଫିରିଙ୍ଗିଆ ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ ଧକ୍କା ଦେବା ଫଳରେ ଅଟୋ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଅଟୋରେ ବସିଥିବା ପ୍ରାୟ ଦଶ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଦୁଇ ବାଇକ ଆରୋହୀଙ୍କ ସହ ଛଅ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ସୂଚନା ଅନୁସାରେ କାନ୍ଧମାଳ ଜିଲ୍ଲା ଖଜୁରିପଡା ଥାନା ଘୋଡ଼ାପଥର ଗାଁର କିଛି ଲୋକ ଏକ ଅଟୋରେ ଫିରିଙ୍ଗିଆ ବ୍ଲକ ସଖିପଡ଼ା ଗାଁକୁ ଏକ ଭୋଜି କାର୍ଯ୍ୟରେ ଯୋଗଦେଇ ନିଜ ଗାଁ କୁ ଫେରୁଥିବା ସମୟରେ ମୁଣ୍ଡା ସାହି ନିକଟରେ ଅଟୋ ସହ ବାଇକ ମୁହାଁ ମୁହିଁ ଧକ୍କା ହୋଇଥିଲା। ଖବର ପାଇ ଘଟଣା ସ୍ଥଳରେ ସମାଜସେବୀ ତଥା ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରିଙ୍କ ସହ ଅନ୍ୟ ସଦସ୍ୟ ଓ ଅଗ୍ନିଶମ ବାହିନୀ ପହଂଚି ଆହତ ଓ ଗୁରୁତର ଆହତ ହୋଇଥିବା ଯାତ୍ରୀଙ୍କୁ ଉଦ୍ଧାର କରି ପ୍ରଥମେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଗୁରୁତର ଆହତ ଯାତ୍ରୀଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

## ସଂଜ୍ଞାହୀନ ଯୁବକଙ୍କ ମେଡିକାଲରେ ମୃତ୍ୟୁ

**ଗଞ୍ଜାମ,୬ ।୩(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ବଡ଼ କାଇଁଚପୁର ଗ୍ରାମର ନୀଳମଣି ବେହେରାଙ୍କ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ମୃତ୍ୟୁ ଘଟିଛି। ଏହାକୁ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀ ବୁଧବାର ସନ୍ଧ୍ୟାରେ ଗଞ୍ଜାମ ଥାନାରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟପଟେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସାଇଣ୍ଟିଫିକ ଟିମ ଓ ସନ୍ଧାନି କୁକୁର ସାହାଯ୍ୟରେ ତଦନ୍ତ କରାଯାଇଥିବା ବେଳେ ଥାନା ଅଧିକାରୀ ସୁମିତ୍ରା ପାତ୍ର ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛନ୍ତି।




ବଳରାମ ସୁଆଁସିଆ ହତ୍ୟା ଘଟଣା

# ବାପା ଓ ଦୁଇ ପୁଅଙ୍କୁ ଆଜୀବନ କାରାଦଣ୍ଡ

**ବ୍ରହ୍ମପୁର,୬ ।୩(ସମିସ)**

ଏକ ହତ୍ୟା ମାମଲାର ବିଚାରଣା କରି ଅତିରିକ୍ତ ଜିଲ୍ଲାଜଜ୍-(ପ୍ରଥମ) ଡ. ଇନ୍ଦୁ ଶର୍ମା ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ପାଇ ୩ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ତୁଳସୀପଦର ଗ୍ରାମର ଭୂଷଣ ମହାନ୍ତି(୬୪), ତାଙ୍କ ବଡପୁଅ ଭଗବାନ ମହାନ୍ତି(୪୨) ଓ ସାନପୁଅ ଅଜିତ ମହାନ୍ତି(୩୨)। କାରାଦଣ୍ଡ ସହ ଅଭିଯୁକ୍ତଙ୍କୁ ୧୧ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ହେଲେ ଅଧିକ ୧୮ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ,୨୦୧୫ ଡିସେମ୍ବର ୨୦ତାରିଖରେ ପାଟପୁର ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ବଳରାମ ସୁଆଁସିଆ ନାମକ ଜଣେ ବ୍ୟକ୍ତିଙ୍କୁ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିଲା। ବଳରାମ ବିଲରେ କାର୍ଯ୍ୟ କରୁଥିବା ଉପରୋକ୍ତ ୩ଅଭିଯୁକ୍ତ ଖଣ୍ଡା, କାତି ଓ ଟାଙ୍ଗିଆରେ ବଳରାମକୁ ଆକ୍ରମଣ କରିଥିଲେ। ଏଥିରେ ବଳରାମ ଗୁରୁତର ଭାବେ ଆହତ ହେବା ସହ ବିଲରେ ହିଁ ଅଚେତ ହୋଇ ତଳେ ପଡିଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରୁତର ବଳରାମଙ୍କୁ ଉଦ୍ଧାର କରି ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଟପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ପୁଲିସ ଉପରୋକ୍ତ ୩ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିପରି ହତ୍ୟାରେ ବ୍ୟବହୃତ ଖଣ୍ଡା, କାତି ଓ ଟାଙ୍ଗିଆକୁ ପୁଲିସ ଜବତ କରିଥିଲା। ଗିରଫ ପରଠାରୁ ଭୁଷଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବାବେଳେ ପର୍ଯ୍ୟାୟକ୍ରମେ ତାଙ୍କର ୨ଅଭିଯୁକ୍ତ ପୁଅ ଜାମିନରେ ମୁକୁଳିଥିଲେ। ତଦନ୍ତ ଅଧିକାରୀ ଅଜୟ ବାରିକ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ମୋଟ ୨୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୁଧବାର ଉକ୍ତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ବେଳେ ଉପରୋକ୍ତ ଅଭିଯୁକ୍ତମାନେ କୋର୍ଟରେ ହଜାର ହୋଇଥିଲେ। ପୁଲିସ ପକ୍ଷରୁ ହୋଇଥିବା ଚାର୍ଜସିଟ ଓ ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ କୋର୍ଟ ଏହି ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

## ପୋଲିସ ଗାଡ଼ିକୁ ଧକ୍କା ଦେଲା ଟ୍ରକ | ଅଳ୍ପକେ ବର୍ତ୍ତିଲେ ଭେଜିପୁଟ ଫାଣ୍ଡି ପୋଲିସ

ଖଲ୍ଲିକୋଟ,୬ ।୩(ସମିସ): ଡିଜେଲ ଚୋରକୁ ଧରିବା ଯାଇଥିବା ପୁଲିସ ଗାଡ଼ିକୁ ଟ୍ରକ ଧକ୍କା ଦେଇଛି। ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଭେଜିପୁଟ ଫାଣ୍ଡି ଅଧିକାରୀ ଓ ପୁଲିସ କର୍ମଚାରୀ। ଅଧାବାଟରେ ଟ୍ରକ ଛାଡି ଦୁର୍ବୃତ୍ତ ମାନେ ଚମ୍ପଟ ମାରିଥିବାବେଳେ ପୁଲିସ ସମ୍ପୃକ୍ତ ଟ୍ରକ୍ ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ,୧୬ ନମ୍ବର ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ ଗେଟ ଅଞ୍ଚଳରୁ ନିୟମିତ ଭାବେ ବିଭିନ୍ନ ଟ୍ରକରୁ ଡିଜେଲ ଚୋରି ହେଉଥିବା ଅଭିଯୋଗ ହେଉଥିଲା। ଗତ ୪ ତାରିଖ ମଧ୍ୟରାତ୍ରରେ ପଶ୍ଚିମବଙ୍ଗର ଦୁଇଟି ଟ୍ରକରୁ ୬୦୦ ଲିଟର ଡିଜେଲ ଚୋରି ହୋଇଥିବା ଭେଜିପୁଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସ ନମ୍ବର ୧୮୪/୨୦୨୪ ଅନୁଯାୟୀ ମାମଲା ରୁଜୁ କରି ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଘଟଣାର ସୁରାକ ପାଇଥିଲା। ମଙ୍ଗଳବାର ମଧ୍ୟରାତ୍ରରେ ଡିଜେଲ ଚୋରି ହେଉଥିବା ଖବର ପାଇ ପୋଲିସ ଚଢ଼ଉ କରିଥିଲା। ତେବେ ପୋଲିସକୁ ଦେଖି ଡିଜେଲ ଚୋରୀ କରୁଥିବା ଟ୍ରକ ନମ୍ବର ଏମପି ୦୯ ଏଚଜି ୧୫୫୫ ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲା । ଟ୍ରକଟି ଦ୍ରୁତ ଗତିରେ ଟୋଲ ଗେଟ ଆଡକୁ ଆସୁଥିବା ବେଳେ ପୋଲିସ ଅଟକେଇବା ପାଇଁ ଚେଷ୍ଟା କରିଥିଲେ। ତେବେ ପୋଲିସ ଗାଡ଼ି ଉପରେ ଚଢେଇ ଦେବା ପାଇଁ ଟ୍ରକଟି ମାଡି ଆସିବାରୁ ଗାଡ଼ି ସାଇଡ଼ କରି ଦେଇଥିଲେ। କିନ୍ତୁ ଟ୍ରକଟି ପୋଲିସ ଗାଡ଼ିକୁ ଶକ୍ତ ଧକ୍କା ଦେଇଥିଲା ଫଳରେ ପୋଲିସ ଗାଡ଼ିଟି ଭାଙ୍ଗି ଯାଇଥିବା ବେଳେ ଗାଡ଼ି ଭିତରେ ଥିବା ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ରଙ୍କ ସହ ଫାଣ୍ଡିର ଅନ୍ୟ ପୋଲିସ କର୍ମଚାରୀ ମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଆଉ କିଛି ବାଟ ଆଗକୁ ଯାଇ ଜହମି ଛକ ଠାରେ ଟ୍ରକକୁ ଛାଡି ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଥିଲେ । ପୋଲିସ ଟ୍ରକ କୁ ଜବତ କରି ଖଲ୍ଲିକୋଟ ଥାନାକୁ ଆଣିଛନ୍ତି । ଏହି ଦୁର୍ବୃତ୍ତ ମାନଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି ବୋଲି ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ ନମ୍ବର ୧୮୮/୨୦୨୪ରେ ମାମଲା ରୁଜୁ ହୋଇଛି। ୧୦ ଜୁଆଡି ଗିରଫ

## ୧୨ରେ ଭଞ୍ଜନଗର ବନ୍ଦ ଡାକରା

**ଭଞ୍ଜନଗର,୬ ।୩(ସମିସ):** ଗତ ୧୦ଦିନ ହେଲା ଭଞ୍ଜନଗର ଏନଏସିକୁ ପୌରପାଳିକା ମାନ୍ୟତା ଦାବିରେ ନାଗରିକ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଚାଲିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଆବାହକ ଅଭିମନ୍ୟୁ ଗୌଡ଼ଙ୍କ ନେତୃତ୍ୱରେ ଏକ ବୈଠକ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଆସନ୍ତା୧୨ତାରିଖ ଦିନ ନାଗରିକ କମିଟିର ଆହ୍ୱାନ କ୍ରମେ ଅଞ୍ଚଳର ବିଭିନ୍ନ ସଂଘଠନଙ୍କୁ ନେଇ ୧୨ଘଣ୍ଟିଆ ବନ୍ଦ ପାଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ବରିଷ୍ଠ ଆଇନଜୀବୀ ଦଣ୍ଡପାଣି ସ୍ୱାଇଁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ବୈଠକରେ ଓକିଲ ସଂଘ ସଭାପତି ଅଭିମନ୍ୟୁ ଗୌଡ଼, ବରିଷ୍ଠ ଆଇନଜୀବୀ ରବି ଦାସ, ଅଳକା ମଞ୍ଜରୀ ପଟ୍ଟନାୟକ, ବିଏଚପି ନେତା ମୁରଲୀଧର ପଣ୍ଡା, କଂଗ୍ରେସ ନେତା ଦେବୀ ପ୍ରସାଦ ବିଷୋୟୀ, ପୂର୍ବତନ କାଉନସିଲର ଡି. ଚେଲପତି ରାଓ, ରମେଶ ବେହେରା, ପ୍ରଦୀପ କୁମାର ସ୍ୱାଇଁ, ଯୁଯେଏ ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ମନୋଜ କୁମାର ଗୌଡ଼, ବିଦେଶୀ ସାହୁ, କାଳୁ ମହାରଣା, ପୁରୁଷୋତ୍ତମ ମହାପାତ୍ର, ରଜତ କୁମାର ଦାସ, ଶିବ ନାୟକ, ବିଦ୍ୟୁତ ଭୂଷଣ ପ୍ରଧାନ, ମଧୁ ସୂଦନ ପଣ୍ଡା, କେଦାର ନାଥ ପାତ୍ର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଅଟୋ ୟୁନିୟନର କର୍ମକର୍ତ୍ତା, ଓଡିଶା ଡ୍ରାଇଭର ମହାସଂଘ ଭଞ୍ଜନଗର ଶାଖାର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୬ ।୩(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତି ନଗର ୧୦ମ ଲାଇନରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ଜଣ ଦୁର୍ବୃତ୍ତ ବାଇକରେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଛନ୍ତି। ମହିଳାଙ୍କ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁସାରେ ଅବରସପାପ୍ତ ଆଇଆରଇ କର୍ମଚାରୀ ଦେବରାଜ ବେହେରାଙ୍କ ଧର୍ମପତ୍ନୀ ରାଜଶ୍ରୀ ବେହେରା ବୁଧବାର ସନ୍ଧ୍ୟା ପ୍ରାୟ ୬/୭ଟାବେଳେ ନିଜ ଘର ପାଖ ପାର୍କ ନିକଟରେ ବୁଲୁଥିବାବେଳେ ଦୁଇ ଜଣ ଯୁବକ ବାଇକରେ ଆସି ଠିକଣା ପଚାରିଥିଲେ। ତେବେ ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ରାଜଶ୍ରୀଙ୍କ ବେକରୁ ଦେଢ଼ ଭରି ଓଜର ସୁନା ଚେନ୍ ଲୁଟି ନେଇଥିଲେ। ଘଟଣା ପରେ ରାଜଶ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦେଇଥିଲେ। ଗଜପତି ନଗର ଅଞ୍ଚଳର ବାରମ୍ବାର ଏହି ଘଟଣା ଘଟୁଥିବାବେଳେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡି କରିବାକୁ ସାଧାରଣରେ ଦାବି ହୋଇଛି।

ଦିବ୍ୟାଙ୍ଗ କ୍ରିକେଟ୍ ଦଳର ରାଞ୍ଚି ଯାତ୍ରା

## ରମ୍ଭାର ପ୍ରଫୁଲ୍ଲ ତରେଇ ସାମିଲ

ରମ୍ଭା,୬ ।୩(ସମିସ): ରାଞ୍ଚି ଠାରେ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ପ୍ରତିଯୋଗିତା ଚଳିତ ମାସ ୬ରିଖ ଠାରୁ ୮ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୬ଟି ରାଜ୍ୟ ଓଡିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଆସାମ ଓ ତ୍ରିପୁରା ରାଜ୍ୟ ଦଳ ଅଂଶ ଗ୍ରହଣ କରିବା ପାଇଁ ସ୍ଥିରୀକୃତ ହୋଇଛି। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏସନ ଫର ଫିଜିକାଲି ଚ୍ୟାଲେଞ୍ଜର ସମ୍ପାଦକ ବେଲା ଜୈସଣ"ାଲ ପାରାମାଉଣ୍ଟ କ୍ଲବର ସମ୍ପାଦକ ପ୍ରତାପ ଜେନା, କୋଷାଧକ୍ଷ ଚିତରଞ୍ଜନ ମିଶ୍ର, ରୋଟାରି କ୍ଲବର ସଭାପତି ସୁବ୍ରତ କୁମାର ଦାସ ଏବଂ ସଂଗଠନର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଆଗନ୍ତୁକ ଖେଳାଳି ଦଳକୁ ଉତ୍ସାହିତ କରିଥିଲେ। ଏଥିସହ ଓଡିଶା ଦଳ ରାଖାଲ



କୁମାର ସେଠି (ଅଧିନାୟକ), ଭାରତ ଚେତନ ପଣ୍ଡା (ଉପ ଅଧିନାୟକ), ବଳରାମ ବସ୍ତିଆ, ଉଦିତ ହରପାଲ, ପ୍ରଫୁଲ ତରେଇ, ଜଗଜିତ ମହାନ୍ତି, ଲଳିତ ସେନାପତି, ସୋମନାଥ ଦାସ, ମହମଦ ସୋହେଲ ଖାନ, ଧୀରେନ ମେହେର, ବିକାଶ ହାତୀ, ମୁନା ମହାପାତ୍ର, ବାଦଲ ବାରିକ, ରାଜେଶ ପ୍ରଧାନ, କୋଚ ମହମଦ ଅରିଫ ହୁସେନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ୨୦୨୪ ସାଧାରଣ ନିର୍ବାଚନ ପରିଚାଳନାକୁ ନେଇ ପୁଲିସର ଚିନ୍ତା

■ ସୋସିଆଲ ମିଡିଆ ଉପରେ ସ୍ୱତନ୍ତ୍ର ନଜର ରଖିବ ମନିଟରିଂ ସେଲ

■ ପାଟ୍ରୋଲିଂ ପାଇଁ ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ଆସିଲା ଦୁଇଟି ଗାଡ଼ି

**ବ୍ରହ୍ମପୁର,୬ ।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନ ୨୦୨୪କୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇନଥିଲେ ବି ଦେଶର ବିଭିନ୍ନ ରାଜ୍ୟ ଭଳି ଓଡ଼ିଶାରେ ନିର୍ବାଚନୀ ମାହୋଲ ସୃଷ୍ଟି ହୋଇସାରିଛି। ମୁଖ୍ୟତଃ ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ଗଞ୍ଜାମ ଜିଲ୍ଲାର ପ୍ରମୁଖ ସହର ବ୍ରହ୍ମପୁର ସମେତ କେନ୍ଦ୍ରୀୟ ସୁରକ୍ଷା ବଳ। ନିର୍ବାଚନକୁ ଦୃଷ୍ଟିରେ ରଖି ଅପରାଧିଙ୍କ ଖୋଜ ଖବର ନେବା ସହ ଏଯାବତ୍ ୫୦୦ ଜଣଙ୍କୁ ଜାମିନବିହୀନ ଗିରଫ (ଏନବିଡବ୍ଲ୍ୟୁ) ପରୱାନା ଜାରି କରାଯାଇଛି। ଏହି ପ୍ରକ୍ରିୟା ଆରମ୍ଭ ହେବା ପରେ ଅନେକ ଅପରାଧି ନିଜଆଡୁ କୋର୍ଟରେ ଆତ୍ମସମର୍ପଣ ଜଣାପଡ଼ିଛି। ଚଳିତ ଥର ନିର୍ବାଚନରେ ସାଇବର ଅପରାଧିମାନେ ଡିପ୍‌ଫେକ୍ ଜରିଆରେ ନିଜ ଖେଳ ଦେଖାଇପାରନ୍ତି। ଏଥିପାଇଁ ସାଇବର ସେଲ୍ ମଧ୍ୟ ସଜାଗ ରହିଛି। ଏହା ବ୍ୟତୀତ ଚଳିତ ଥର କୃତ୍ରିମ ମେଧା (ଏଆଇ-ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସିଆ)ର ବିନିଯୋଗ

ସମଗ୍ର ବ୍ରହ୍ମପୁର ପୁଲିସ ଜିଲ୍ଲାରେ ରାଜନୈତିକ ଉଷ୍ମତା ଏବେ ଠାରୁ ପରିଲକ୍ଷିତ ହୋଇଛି। ଏଥିସହିତ ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ନିର୍ବାଚନର ପ୍ରାୟ ୪୦ଦିନ ପୂର୍ବରୁ କେନ୍ଦ୍ରୀୟ ସୁରକ୍ଷାବଳ ରାଜ୍ୟରେ ପହଞ୍ଚି ସାରିଛନ୍ତି। ସେହିଭଳି ବ୍ରହ୍ମପୁର ପୁଲିସ ଜିଲ୍ଲାରେ ତୃଣମୂଳସ୍ତରରେ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ଆଗୁଆ ପ୍ରସ୍ତୁତି କରାଯାଇଛି। ଆସନ୍ତା ୮ ତାରିଖରୁ ୧୦ତାରିଖ ମଧ୍ୟରେ ବ୍ରହ୍ମପୁରରେ ପହଞ୍ଚିବ କରିଥିବା କହିଛନ୍ତି ଏସପି ଡ଼ା ସର୍ବଣା ବିବେକ ଏମ। ଅନ୍ୟପକ୍ଷରେ ପୁଲିସ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ବହୁ ଅଂଚଳରେ ଚଢ଼ାଉ କରି ଶତାଧିକ ଲିଟର ପୋଚ, ଦେଶୀ ମଦକୁ ନଷ୍ଟ କରାଯାଇଛି। ପାଟ୍ରୋଲିଂ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ପ୍ରଥମ ପର୍ଯ୍ୟାୟରେ ଦୁଇଟି ନୂଆ ବାଇକ ପ୍ରଦାନ କରିଛନ୍ତି। ତେଣୁ ବାଇକ ପେଟ୍ରୋଲିଂକୁ ପୁଲିସ ଗୁରୁତ୍ୱ ଦେବ ବୋଲି କରାଯିବ। ମୁକ୍ତ ଓ ଅବାଧ ନିର୍ବାଚନ ସହ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମ୍ପନ୍ନ କରିବା ଲକ୍ଷ୍ୟରେ ସମସ୍ତ ଆଗୁଆ ପ୍ରସ୍ତୁତି ହୋଇଥିବା ଜଣାପଡ଼ିଛି। ତେବେ ଏଥର ନିର୍ବାଚନରେ ସୋସିଆଲ୍ ମିଡିଆ ଏବଂ ଏଆଇ(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସିଆ) ର ଦୁରୂପଯୋଗ ସମ୍ଭାବନା ମଧ୍ୟ ରହିଛି। ଏହାକୁ ପ୍ରତିହତ କରିବା ପାଇଁ ମଧ୍ୟ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିବା ବ୍ରହ୍ମପୁର ଏସପି ଶ୍ରୀ ବିବେକ ଏମ୍ ସୂଚନା ଦେଇଛନ୍ତି।

## ଟଙ୍କା, ମୋବାଇଲ ସହ ୭ ବାଇକ୍ ଜବତ

ସୋରଡା,୬ ।୩(ସମିସ): ସୋରଡା ଥାନା ସୁରମଣି ନଦୀପଠାରେ ଚାଲିଥିବା ଜୁଆ ଆ‡। ଉପରେ ଚଢ଼ାଉ କରି ପୁଲିସ ୫୧୪୦୦ ଟଙ୍କା, ୮ ମୋବାଇଲ, ୫୨ ପତା ତାସ, ୭ ବାଇକ ଓ ଖଣ୍ଡା ଜବତ କରିବା ସହ ୧୧ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ମଙ୍ଗଳବର ସନ୍ଧ୍ୟାରେ ଏଏସଆଇ କୈଳାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଗଠିତ ଟିମ ଚଢ଼ଉ କରିଥିଲେ। ଗିରଫ ଅଭିଯୁକ୍ତ ମାନେ ହେଲେ ସୋରଡା ଥାନା ସୁରମଣି ଗ୍ରାମର ସୀମାଞ୍ଚଳ ପାତ୍ର, ଦୁଖୀଶ୍ୟାମ ବେହେରା(୩୦), ରଜତ କୁମାର ବେହେରା(୨୮), ଦାନ୍ତିଲିଙ୍ଗୀ ଗ୍ରାମର ପୂର୍ଣ୍ଣ ଗୌଡ଼(୩୬), ଧରକୋଟ ଥାନା ବରଡାବିଲି ଗ୍ରାମର ସହଦେବ ପ୍ରଧାନ(୪୨), ଧରାକୋଟର ଜିତେନ୍ଦ୍ର ବେହେରା(୩୩), ବଡ଼ଗଡ଼ ଥାନା ଖାରିଗୁମ୍ମା ଗ୍ରାମର ଟିଟୁ ଗୌଡ଼(୨୮), କେନ୍ଦୁପଲ୍ଲୀ ଗ୍ରାମର ଚିତ୍ତରଞ୍ଜନ ସାହୁ(୩୪), ପୋଲସରା ଥାନା କେ ଶରଧାପୁର ଗ୍ରାମର ମାଧବ ପ୍ରଧାନ(୪୪), ଭଞ୍ଜନଗର ଥାନା ଭଞ୍ଜନଗରର ଏ ଚଗଲା ପାତ୍ର (୪୧)। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରିଛି।

## ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ପରଲୋକ

**ଦିଗପହଣ୍ଡି,୬ ।୩(ସମିସ):** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ଧରି ମାନସିକ ରୋଗରେ ପୀଡିତ ରହି ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଦିଗପହଣ୍ଡି ବ୍ଲକର ପନାଡ ଗ୍ରାମରେ ଜନ୍ମିତ ତଥା ପୂର୍ବତନ ବିଧାୟକ ରଘୁନାଥ ମହାପାତ୍ରଙ୍କ ପୁଅ ପ୍ରଦୀପ୍ତ ପ୍ରଥମେ ଖେମୁଣ୍ଡି କଲେଜରେ ଅର୍ଥନୀତି ବିଭାଗର ଅଧ୍ୟାପକ ଭାବେ ୧୯୭୮ରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ଅତ୍ୟନ୍ତ ସରଳ, ଅମାୟିକ ଓ ଛାତ୍ର ଛାତ୍ରୀ ବତ୍ସଳ ଅଧ୍ୟାପକ ଭାବେ ପରିଗଣିତ ଥିବା ପ୍ରଦୀପ୍ତ ପରେ ଜୁନ୍ ୨୦୧୨ରୁ ଅଗଷ୍ଟ ୨୦୧୩ ପର୍ଯ୍ୟନ୍ତ ପୁଣି ସେହି ଖେମୁଣ୍ଡି କଲେଜରେ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେ। ତାଙ୍କ ବିୟୋଗରେ ସୋମବାର ଅଧ୍ୟକ୍ଷ ଅନୁପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମାଠିଆଧରି ମହିଳାଙ୍କ ଜାତୀୟ ରାଜପଥ ଅବରୋଧ

**ରାୟଗଡ଼,୬ ।୩(ସମିସ)**



ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମାରେ ପ୍ରାୟ ପନ୍ଦର ଦିନ ହେବ ପାନୀୟଜଳ ଯୋଗାଣ ବନ୍ଦ ହୋଇଯାଇଛି । ଯାହା ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଙ୍କ ସମନ୍ୱୟ ଅଭାବରୁ ଲୋକେ ଏହି ସମସ୍ୟାରେ ଘାଣ୍ଟି ହେଉଥିବା ଅଭିଯୋଗ ହେଉଛି। ବୁଧବାର ମୁଣ୍ଡ ଫଟା ଖରାରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ହାଣ୍ଡି ମାଠିଆ ଧରି ୩୨୬(ଇ) ଜାତୀୟ ରାଜପଥକୁ ପ୍ରାୟ ଛଅ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଥିବା ଜଣାପଡ଼ିଛି । ପ୍ରକାଶ ଯେ, ରାୟଗଡ ବ୍ଲକ ସଦରମହକୁମାରେ ପ୍ରାୟ ଦଶ ହଜାର ଲୋକ ବସବାସ କରୁଥିବାବେଳେ ଲୋକେ ପାଣି ହାଣ୍ଡିଏ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ଏଥିପ୍ରତି କୌଣସି ପଞ୍ଚାୟତ ପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀ ଆନ୍ତରିକତା ଦେଖାଯାଉ ନ ଥିବା ଅଭିଯୋଗ ହୋଇଛି । ଗ୍ରାମ ନିକଟରେ ଥିବା ମହେନ୍ଦ୍ରତନୟା ନଦୀରୁ ପାଇପ୍‌ରେ ଜଳ ଉଠାଇ ରାୟଗଡ଼ ଗ୍ରାମକୁ ଯୋଗାଇ ଦିଆଯାଉଛି। ଏହାରି ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। କିନ୍ତୁ ପନ୍ଦର ଦିନ ହେବ ପାନୀୟଜଳ ଯୋଗାଣ ବନ୍ଦ ହୋଇଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମହିଳା ଗରା ମାଠିଆ ଧରି ନଳକୂପ ପାଖରେ ଧାଡ଼ି ଲଗାଉଛନ୍ତି। ମାଠିଏ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ପାଣି ପାଇଁ ହାତାହାତି ପରିସ୍ଥିତି ସୃଷ୍ଟି ହେଉଛି। ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଗ୍ରାମବାସୀ ସରପଞ୍ଚ ଏବଂ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କଲି ନିରାଶ ହେବାପରେ ରାସ୍ତାରୋକ କରିଥିଲେ। ଘଟଣା ସ୍ଥଳରେ ରାୟଗଡ଼ ଥାନା ଅଧିକାରୀ ସୁନୀଲ କୁମାର ବେହେରା ଉପସ୍ଥିତ ରହି ଆନ୍ଦୋଳନ କାରୀଙ୍କ ସହ ଆଲୋଚନା କରିଥିଲେ । କିଛି ଘଣ୍ଟା ପରେ ଘଟଣାସ୍ଥଳକୁ ସ୍ଥାନୀୟ ସରପଞ୍ଚ ସୁଷମା ଶବର ଓ ପିଇଓ ସେନାପତି ଶବର ଆସି ଲୋକଙ୍କୁ ବୁଝାସୁଝା କରିବା ବେଳେ ଆନ୍ଦୋଳନକାରୀ ମହିଳା ସରପଞ୍ଚଙ୍କ ଉପରେ ବିରକ୍ତ ହେବାରୁ ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା । ପରବର୍ତ୍ତୀ ସମୟରେ ଘଟଣାସ୍ଥଳକୁ ରାୟଗଡ଼ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଏସଡିପିଓ ମାଧବା ନନ୍ଦ ନାୟକ, ଆରଡ଼ବ୍ଲୁଏସ୍‌ଏସ୍ ବିଭାଗର ଏସଡିଓ ରବୀନ୍ଦ୍ର ଚୌଧୁରୀ ଆସି ଆନ୍ଦୋଳନକାରୀଙ୍କ ସହ ବହୁ ସମୟ ଧରି ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀ ନିଜେ ଉପସ୍ଥିତ ରହି ପାଣିପମ୍ପ ମରାମତି କରିବା ସହ ପୁରୁଣା ମଟରକୁ ସଜାଡ଼ି ଗୋଟାଏ ଦିନ ମଧ୍ୟରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯିବ । ଜିରାଙ୍ଗ ଫିଡରକୁ ବଦଳାଇ ରାୟଗଡ଼ ଫିଡର କରାଯିବ ଏବଂ ତାହା ସହ ଯେଉଁ ସବୁ ସମସ୍ୟା ରହିଛି ତାହାକୁ ଏକ ମାସ ମଧ୍ୟରେ ସମାଧାନ କରାଯିବ ବୋଲି ଏସଡିଓ ଶ୍ରୀ ଚୌଧୁରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀ ହଟିଥିଲେ ।

● ଆପାର୍ଟମେଣ୍ଟରୁ ୧୦ ଲକ୍ଷ ଓ ୧୫ ଭରି ସୁନା ଚୋରି

## ଝିଅ ଓ ସହଯୋଗୀ ନାଁରେ ଥାନାରେ ଏତଲା

**ବ୍ରହ୍ମପୁର,୬ ।୩(ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ରୋଡ଼ ନିକଟରେ ଥିବା ଜୈନିକ ଆପାର୍ଟମେଣ୍ଟର ଏକ ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ପ୍ରଦୀପ କୁମାର ପଣ୍ଡା ସ୍ଥାନୀୟ ଗୋଇଲୁଣ୍ଡି ରୋଡ଼ ନିକଟରେ ଥିବା ଜୈନିକ ଅପାର୍ଟମେଣ୍ଟର ପ୍ଲାଟ ନଂ ୨୧୫ରେ ରହୁଥିଲେ। ଗତ ୪ତାରିଖରେ ପ୍ରଦୀପ ବ୍ୟବସାୟୀ କାମରେ ବାହାରକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ବେଳେ ଆଲମାରୀରେ ଥିବା ନଗଦ ୧୦ଲକ୍ଷ ଓ ୧୫ଭରି ସୁନା ଅଳଙ୍କାର ଗାଏବ ଥିବା ଜଣାପଡ଼ିଥିଲା। ତେବେ ଏହି ଟଙ୍କା ଓ ସୁନା ପ୍ରଦୀପଙ୍କ ଝିଅ ଓ ତାଙ୍କ ସହଯୋଗୀମାନେ ଚୋରି କରିନେଇଥିବା ପ୍ରଦୀପ ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ପୁଲିସ ଗୁରୁତର ସହ ନେଇ ତଦନ୍ତ କରୁଥିବା ଜଣାପଡିଛି। ଖୁବଶୀଘ୍ର ଏହି ଘଟଣାରେ ପୁଲିସ ସଫଳତା ହାସଲ କରିବ ବୋଲି ପୁଲିସ କହିଛି।

## ରାସ୍ତାକଡ଼ରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବ୍ରହ୍ମପୁର,୬ ।୩(ସମିସ):** ଦିଗପହଣ୍ଡି ଥାନା ଅନ୍ତର୍ଗତ ସ୍ଥାନୀୟ ପିତାମ୍ବରପୁର ଛକ ନିକଟରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ପୁଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୫ରୁ୪୦ ବର୍ଷ ହେବ ବୋଲି ପୁଲିସ ଅନୁମାନ କରୁଛି। ଯୁବକଙ୍କ ଶାରୀରର ବିଭିନ୍ନ ସ୍ଥାନରେ ରକ୍ତସ୍ରାବ ହୋଇଥିବାରୁ କେହି ହତ୍ୟା କରି ଫପାଡ଼ି ଦେଇଥିବା ପୁଲିସ ସନ୍ଦେହ କରୁଛି । ସୂଚନାଯୋଗ୍ୟ ଯେ, ବୁଧବାର ବିଳମ୍ବିତ ରାତିରେ ସ୍ଥାନୀୟ ପିତାମ୍ବରପୁର ଛକ ନିକଟରେ ଜଣେ ଯୁବକ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ରକ୍ତାକ୍ତ ଯୁବକକୁ ଉଦ୍ଧାର କରି ସ୍ଥାନୀୟ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ଡାକ୍ତର ଉକ୍ତ ଯୁବକଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏନେଇ ଏକ ଅପମୃତ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଅନ୍ୟପଟେ ଉକ୍ତ ମୃତଦେହ ବ୍ୟବଛେଦ ପାଇଁ ଏମକେସିଜି ମେଡିକାଲର ବ୍ୟବଛେଦ ଗୃହକୁ ପଠାଇଛି। ବ୍ୟବଛେଦ ପରେ ମୃତକଙ୍କ ପରିଚୟ ସ୍ପଷ୍ଟ ପାଇଁ ମୃତଦେହ ସଂରକ୍ଷଣ ଗୃହରେ ତାହାକୁ ୭୨ ଘଣ୍ଟା ସଂରକ୍ଷିତ ଭାବେ ରଖାଯାଇଥିବା ତଦନ୍ତଅଧିକାରୀ ନରସିଂହ ପାଣି ସୂଚନା ଦେଇଛନ୍ତି। ଏହା ସହ ପୁଲିସ ଘଟଣା ସ୍ଥଳରୁ ପୁଲିସ ପ୍ରମାଣ ପାଇଁ ଉଦ୍ଧାର ଯୁବକଙ୍କ ଡ୍ରେସର ଛିଣ୍ଡା କପଡା ଖଣ୍ଡ ଓ କିଛି ମାଟି ଜବତ କରିଛି। ରୋଡ଼ ସାଇଡ଼ରେ ଯୁବକଙ୍କ ରକ୍ତାକ୍ତ ମୃତ ଦେହ କେଉଁଠୁ ଆସିଲା ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ କେହି ହତ୍ୟା କରି ଫପାଡ଼ି ଦେଇଥିବା ପୁଲିସ ଅନୁମାନ କରୁଛି। ତେବେ ବ୍ୟବଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଦୁର୍ଘଟଣା ତାହା ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ସୁନୀଲଙ୍କୁ 'ଅପରାହ୍ନ ଯୁବକବି ସମ୍ମାନ'



**ବ୍ରହ୍ମପୁର,୬ ।୩(ସମିସ):** ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ଭବନରେ ଯୁବକବି ସୁନୀଲ କୁମାର ପ୍ରଧାନଙ୍କୁ "ଅପରାହ୍ନ ଯୁବ କବି ସମ୍ମାନ' ପ୍ରଦାନ କରାଯାଇଛି। ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ "ଅପରାହ୍ନ'ର ୧୪ତମ ରାଜ୍ୟ ସ୍ତରୀୟ ସାରସ୍ୱତ ସମାରୋହରେ କବି ରକ୍ଷକ ନାୟକ, କବି ପିନାକୀ ମିଶ୍ର, କବୀ ଡ. ପ୍ରତିଭା ମହାରଥି, କବି ପ୍ରଶାନ୍ତ ଦାସ, କବୀ ଡ.ମାଙ୍ଗଳିକା ମହାପାତ୍ର ପ୍ରମୁଖ ବହୁ କବି ଓ ଲେଖକଙ୍କ ବ୍ୟତୀତ ବିଶିଷ୍ଟ ସାମ୍ବାଦିକ କିଶୋର ଦ୍ୱିବେଦୀ, ବିଭୁତି ଭୂଷଣ କର ଅପରାହ୍ନର ସମ୍ପାଦକ ବଂଶୀଧର ଜେନା ବିଶିଷ୍ଟ ଶିକ୍ଷାବିତ୍ ଘନଶ୍ୟାମ ବିଶ୍ୱାଳଙ୍କ ଉପସ୍ଥିତିରେ ସୁନୀଲ କୁମାର ପ୍ରଧାନ ଙ୍କୁ "ଅପରାହ୍ନ ଯୁବକବି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ନିମନ୍ତେ ଅପରାହ୍ନର ସମ୍ପାଦକ ବଂଶୀଧର ଜେନା ଏବଂ ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବିଦ୍ୟାର୍ଥୀଙ୍କୁ ଛାତ୍ରବୃତ୍ତି ବଣ୍ଟନ



**ବ୍ରହ୍ମପୁର,୬ ।୩(ସମିସ):** ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ସ୍ଥିତ ଶ୍ରୀଅରବିନ୍ଦ ଉଚ୍ଚ ଶିକ୍ଷାନୁଷ୍ଠାନରେ ନୂଆ-ଓ' ଯୋଜନାରେ ଅଧ୍ୟୟନ ବିଦ୍ୟାର୍ଥୀମାନଙ୍କୁ ଛାତ୍ରବୃତ୍ତି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଅନୁଷ୍ଠାନର ଅଧକ୍ଷ ଡ଼. କେ. ଦେବେନ୍ଦ୍ର ସେନାପତି ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ଼ ନାରାୟଣ ପ୍ରଧାନ ଓ ଉପାଧକ୍ଷ ଉମାକାନ୍ତ ମହାପାତ୍ର ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାର୍ଥୀଙ୍କୁ ଛାତ୍ରବୃତ୍ତି ଅନୁଦାନ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠ ପଢିବା ସହ ମିଳିଥିବା ଛାତ୍ରବୃତିକୁ ସଠିକ୍ କାର୍ଯ୍ୟରେ ଲଗାଇବା ପାଇଁ ନିଜର ଅଭିଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଳକା ଚାନ୍ଦ ତ୍ରିପାଠୀ, ପ୍ରଭାତ କୁମାର ସାହୁ, ରଶ୍ମିତା ପରିଡା, ସୋନାଲି ପଣ୍ଡାଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମହିଳା ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରର ୩ ଖେଳାଳି




**ବ୍ରହ୍ମପୁର,୬ ।୩(ସମିସ):** ଉତ୍ତର ପ୍ରଦେଶର ହତରସଠାରେ ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡ ବଲ ଦଳରେ ବ୍ରହ୍ମପୁରର ତିନି ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଜ୍ୟୋତି ପାତ୍ର, ବର୍ଷା ବେହେରା ଓ ବର୍ଷା ସେଠୀ। ଚଳିତ ମାସ ୭ତାରିଖଠାରୁ ୧୧ତାରିଖ ପର୍ଯ୍ୟନ୍ତ ଏହି ଖେଳ ଅନୁଷ୍ଠିତ ହେବ। ଏହି ଦଳ ସହ ନିମନ୍ତ୍ରିତ ହୋଇଥିବା ଜାତୀୟ ରେଫେରି ସନ୍ଦୀପ କୁମାର ପାତ୍ର ଯାତ୍ରା କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ନଭେମ୍ବର ମାସରେ ଜଗତସିଂହପୁରଠାରେ ଅନୁଷ୍ଠିତ ହୋଇଥିବା ଅନ୍ତଃଜିଲ୍ଲା ବରିଷ୍ଠ ମହିଳା ହ୍ୟାଣ୍ଡ ବଲ୍ ପ୍ରତିଯୋଗିତାରେ ଯାଜପୁର ଦଳ ସହ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଖେଳି ଦ୍ୱିତୀୟ ସ୍ଥାନ ଅଧିକାର କରି ବିଜୟୀ ଲାଭ କରିଥିଲେ। ସମ୍ପୃକ୍ତ ଖେଳାଳିମାନେ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ କଲେଜ ଗ୍ରାଉଣ୍ଡରେ ଏନଆଇଏସ୍ କୋଚ୍ ପ୍ରଶାନ୍ତ କୁମାର ରଥଙ୍କଠାରୁ ପ୍ରଶିକ୍ଷଣ ନେଇ ଗଞ୍ଜାମ ଜିଲ୍ଲା ମହିଳା ହ୍ୟାଣ୍ଡ ବଲ୍ ଦଳରେ ସ୍ଥାନ ପାଇଥିଲେ। କଠିନ ପରିଶ୍ରମ ସାଙ୍ଗକୁ ଉତ୍ତମ ଖେଳ ପ୍ରଦର୍ଶନ ଯୋଗୁଁ ସେମାନେ ଚୟନ କର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ଜାତୀୟ ଦଳ ପାଇଁ ଚୟନ ହୋଇଥିଲେ। ମନୋନୀତ ଖେଳାଳି ମାନଙ୍କୁ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲ୍ଲା ହ୍ୟାଣ୍ଡ ବଲ୍ ଦଳ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥ, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ସାଂଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧକ୍ଷ ଡା. ସିଏଚ୍ ମନୋଜ କୁମାର ପାତ୍ର ଶୁଭେଚ୍ଛା ଜଣାଇଛନ୍ତି।

### ସମ୍ପ୍ରସାରିତ ହେଉଛି ରଙ୍ଗେଇଲୁଣ୍ଡା ବିମାନ ବନ୍ଦର

# ସମୀକ୍ଷା କଲେ ବ୍ରହ୍ମପୁର ସାଂସଦ ଓ ବିଧାୟକ

ବ୍ରହ୍ମପୁର,୬ ।୩(ସମିସ)



ଦକ୍ଷିଣ ଓଡ଼ିଶାର ସର୍ବବୃହତ୍ତ ସ୍ୱାର୍ଥ ଲାଗି ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ରଙ୍ଗେଇଲୁଣ୍ଡା ବିମାନ ବନ୍ଦର କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଏହାକୁ ଏକ ଭବ୍ୟ ରୂପ ଦେବାକୁ ପ୍ରଚେଷ୍ଟା ଜାରି ରହିଛି। ଏନେଇ ବୁଧବାର ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ବିକ୍ରମ କୁମାର ପଣ୍ଡା ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଦାୟିତ୍ୱରେ ଥିବା ସଂସ୍ଥା ଓ ପୂର୍ତ୍ତ ବିଭାଗର ଅଧିକାରୀ ଓ ଯନ୍ତ୍ରୀଙ୍କୁ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ଧାର୍ଯ୍ୟ ସମୟସୀମା ମଧ୍ୟରେ କିଭଳି କାମ ସରିବ ସେନେଇ ଗୁରୁତ୍ୱ ଦେବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଦକ୍ଷିଣ ଓଡ଼ିଶାର ବୃହତ୍ତ ସ୍ୱାର୍ଥ ସାଧିତ ହେବାକୁ ଯାଉଛି। ଏଥିଦ୍ୱାରା ଏଠାକାର ଜନସାଧାରଣ ବିଶେଷ ଉପକୃତ ହେବେ। ଏହାକୁ ଦୃଷ୍ଟିରେ ରଖି କାମ ତ୍ୱରାନ୍ୱିତ କରାଯାଉଛି ବୋଲି ସାଂସଦ ଓ ବିଧାୟକ ଏଠାରେ କହିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ରନୱେ ୭୭୦ ରହିଥିବା ବେଳେ ଏହାକୁ ୯୫୦୦ ଆବଶ୍ୟକ ସ୍ଥଳେ ଅଧିକ ବୃଦ୍ଧି କରାଯିବାକୁ ଯୋଜନା ରହିଛି। ସେହିଭଳି ଏଠାକୁ କିଭଳି ଭାରତର ବଡ଼ ବଡ଼ ସହରକୁ ଯାତ୍ରା ସୁଗମ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସାଂସଦ ଓ ବିଧାୟକ ପୂର୍ତ୍ତି ବିଭାଗକୁ ଜଣାଯାଇଛି। ବିଧାୟକ ସାଂସଦଙ୍କ ଗସ୍ତବେଳେ ବିଜେଡି ପାରଳାଖେମୁଣ୍ଡି ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତି, ସାଂସଦ ପ୍ରତିନିଧି ଅଜିତ କୁମାର ଦାସଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜମି ଅଧିଗ୍ରହଣ କାର୍ଯ୍ୟ ସରିବା ପରେ ପରେ ରଙ୍ଗେଇଲୁଣ୍ଡା ବିମାନନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ରାସ୍ତା, କୋଠା ଓ ପାଚେରୀ ବା କମ୍ପାଉଣ୍ଡ ୱାଲ୍ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଇଛି। ବର୍ତ୍ତମାନ ଏଗୁଡ଼ିକର ୨୦ପ୍ରତିଶତ କାମ ସରିଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ପୂର୍ଣ୍ଣାଙ୍ଗ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ରନ ୱେ କାମ ପାଇଁ ଏୟାରଷ୍ଟ୍ରିପ ବିଭାଗର ଅନୁମତି ଲୋଡ଼ାଯାଇଛି। ଅନୁମତି ମିଳିବା କ୍ଷଣେ କାମ ଆରମ୍ଭ ହେବ ବୋଲି ଦାୟିତ୍ୱରେ ଥିବା ଏସଡ଼ିଓ ଇଂ ମଳୟ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଏମଏସ ଫରଚ୍ୟୁନ ଗ୍ରୁପ ନାମକ ଭୁବନେଶ୍ୱରର ଏକ ସଂସ୍ଥା ରଙ୍ଗେଇଲୁଣ୍ଡା ବିମାନ ବନ୍ଦର କାର୍ଯ୍ୟ କରୁଅଛି। ୨୦୨୩ମସିହା ଡ଼ିସେମ୍ବର ୨୭ତାରିଖରେ ଉକ୍ତ ସଂସ୍ଥା କାର୍ଯ୍ୟାରମ୍ଭ ନେଇ ଚୁକ୍ତିପତ୍ର କରିଥିଲା। ତତପରେ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ଆଗେଇଥିଲା। ଇତି ମଧ୍ୟରେ ଜମି ଅଧିଗ୍ରହଣ ମଧ୍ୟ ସରିଛି। ରାଜ୍ୟ ସରକାରଙ୍କ ଅଧିନରେ ଥିବା ୨୫ରୁ ଉର୍ଦ୍ଧ୍ୱ ଓ ଘରୋଇ ଭାବେ ୮ଏକର ଜମି ଅଧିଗ୍ରହଣ କରାଯାଇଛି। ସର୍ବମୋଟ ୩୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସମ୍ପ୍ରସାରଣ ପ୍ରକଳ୍ପ ନିର୍ମାଣ କରିବାକୁ ଧାର୍ଯ୍ୟ କରାଯାଇଥିବା ଏହି ବିମାନ ବନ୍ଦର ପ୍ରକଳ୍ପ ୨୦୨୪ ମସିହା ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏଣେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିଦିନ ଏହି କାର୍ଯ୍ୟର ତଦାରଖ କରାଯାଉଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ କିଭଳି କାର୍ଯ୍ୟ ସମାପନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲାରେ ବିମାନ ବନ୍ଦର ପ୍ରତିଷ୍ଠା କରିବାକୁ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିଲା। ଏଥିଲାଗି ଅନେକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସମୟରେ ବିକ୍ଷୋଭ ମଧ୍ୟ କରାଯାଉଥିଲା। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କ ପକ୍ଷରୁ ରଙ୍ଗେଇଲୁଣ୍ଡା ବିମାନ ବନ୍ଦର କାର୍ଯ୍ୟକ୍ଷମ କରାଯାଇଥିଲା। ପରେ ଏଠାରୁ ଭୁବନେଶ୍ୱର ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଉଦଘାଟିତ ହୋଇଥିଲା। ତତପରେ ଏହାର ସମ୍ପ୍ରସାରଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଥିଲା। ଫଳରେ ଗଞ୍ଜାମ ଜିଲ୍ଲାର ଦୀର୍ଘ ଦାବିର ପୂରଣ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସିକ୍ୟୁରିଟି, କ୍ୟାବିନ ଆଦିକୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିଲା। ବର୍ତ୍ତମାନ ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବା ବେଳେ ଆଗାମୀ ଦିନରେ ଦକ୍ଷିଣ ଓଡ଼ିଶାର ବୃହତ୍ତ ସ୍ୱାର୍ଥ ପୂରଣ ହେବ ବୋଲି ଆଶା କରାଯାଉଛି।

● ରାସ୍ତା, କୋଠା ଓ ପାଚେରି କାମ ଚାଲିଛି
● ଅନୁମତି ମିଳିବା ପରେ ଆରମ୍ଭ ହେବ ରନ୍‌ୱେ କାର୍ଯ୍ୟ

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରୁଛନ୍ତି ବିଇଡିଏ କର୍ତ୍ତୃପକ୍ଷ!



**ବ୍ରହ୍ମପୁର,୬।୩(ସମିସ):** ଆମ୍ବପୁଆ ଠାରେ ବିବେକ ବିହାର ଫେଜ-୨ ହାଉସିଂ ପ୍ରକଳ୍ପ ଜରିଆରେ ବିବାଦରେ ଛନ୍ଦି ହୋଇଯାଇଛନ୍ତି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ। ଉଭୟ ଏଚଆଇଜି ଓ ଏମଆଇଜି ବର୍ଗରେ ମୋଟ ୧୦୦ଟି ପ୍ଲଟରେ ଗୃହ ଯୋଗାଇବା ପାଇଁ ୨୦୦୭ମସିହାରେ ବିଜ୍ଞପ୍ତି ପ୍ରକାଶ କରିଥିଲା ବିଇଡିଏ। ୨୦୦୮ମସିହାରେ ସମସ୍ତ ପ୍ଲଟ ପାଇଁ ଆବେଦନକାରୀ ନିର୍ଦ୍ଧାରିତ ଦେୟ ପଇଠ କରିଥିଲେ। ତେବେ ଦିର୍ଘ ୧୬ବର୍ଷ ବିତିଯାଇଥିଲେ ହେଁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ କି ଆବେଦନକାରୀଙ୍କୁ ସେମାନଙ୍କ ଗୃହ ଯୋଗାଣ ହୋଇପାରି ନାହିଁ। ଇତି ମଧ୍ୟରେ ୨୦୧୩ମସିହାରେ ବିଇଡିଏ ପକ୍ଷରୁ ପୁନଃ ବର୍ଦ୍ଧିତ ମୂଲ୍ୟରେ ଅବଶିଷ୍ଟ ଟଙ୍କା ପଇଠ କରିବାକୁ ସମସ୍ତ ଆବେଦନକାରୀଙ୍କୁ ନୋଟିସ ଜାରି କରାଯାଇଥିଲା। ଯାହାକୁ ନେଇ କିଛି ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଆବେଦନକାରୀଙ୍କ ସପକ୍ଷରେ ରାୟ ଦେଇଥିବା ସୂଚନା। ତେବେ ପରବର୍ତ୍ତି ସମୟରେ ଅର୍ଥାତ୍ ଗତ ଅଗଷ୍ଟ ୮ ତାରିଖରେ ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣା ହୋଇ ବର୍ଦ୍ଧିତ ଦେବାକୁ ସମସ୍ତ ଆବେଦନକାରୀ ରାଜି ହୋଇଥିଲେ। ତେବେ ଉକ୍ତ ବୈଠକର ଦିର୍ଘ ମାସ ବିତିଯାଇଥିଲେ ହେଁ ବିଇଡିଏ ପକ୍ଷରୁ ଆବେଦନକାରୀଙ୍କୁ ଉକ୍ତ ବୈଠକର ନିଷ୍ପତ୍ତି ସଂକ୍ରାନ୍ତିୟ କୌଣସି ଚିଠି ମିଳିପାରିନାହିଁ। ଯାହାଫଳରେ ଭବିଷ୍ୟତ କାର୍ଯ୍ୟପନ୍ଥାକୁ ନେଇ ପୁଣି ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି ସମସ୍ତ ୧୦୦ଜଣ ଆବେଦନକାରୀ। ଇତି ମଧ୍ୟରେ ପ୍ରକଳ୍ପର ଅନେକ ଘର ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯାଇଥିବା ବେଳେ ଅନେକ ଅସୁରକ୍ଷିତ ହୋଇସାରିଛି। ଏଭଳି ପରିସ୍ଥିତିରେ ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ମଧ୍ୟ ବିଇଡିଏ କର୍ତ୍ତୃପକ୍ଷ ବେଖାତିର କରୁଥିବା ନେଇ ଅଭିଯୋଗ କରିଛନ୍ତି ଆବେଦନକାରୀ। ଏନେଇ ବୁଧବାର ଆବେଦନକାରୀମାନେ ବିଇଡିଏ ସଚିବ ରମେଶ ହାଂସଦାଙ୍କ ସହିତ ସାକ୍ଷାତ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଦାବି ଅବଗତ କରିଥିଲେ। ଦିର୍ଘ ୧୬ବର୍ଷ ବିତିଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ଘଟିସାରିଛି ଓ ଅନେକ ଶେଷଶଯ୍ୟାରେ ଥିବା ଜଣାଇଛନ୍ତି। ଏଣୁ ତୁରନ୍ତ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ସେମାନେ ବିଇଡିଏ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ଏଭଳି ଅଭିଯୋଗ ସମ୍ପର୍କରେ ଅବଗତ ହେବାପରେ ନିକଟରେ ଦାୟିତ୍ୱ ଗ୍ରହଣ କରିଥିବା ବିଇଡିଏ ସଚିବ ରମେଶ ହାଂସଦା କହିଛନ୍ତି ଏଦିଗରେ ସେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଏଥିପାଇଁ ସେ ୭ଦିନର ମହଲତ ନେଇଛନ୍ତି। ଭୁବନେଶ୍ୱରରେ ଏନେଇ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

● ହଟହଟା ହେଉଛନ୍ତି ବିବେକ ବିହାର ଫେଜ୍-୨ ହାଉସିଂ ପ୍ରକଳ୍ପର ୧୦୦ଜଣ ଆବେଦନକାରୀ
● ଅଧପନ୍ତରିଆ ଭାବେ ପଡିଛି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ୨୦୦୭ର ହାଉସିଂ ପ୍ରକଳ୍ପ
● ୭ଦିନର ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଆମରଣ ଅନଶନ ପାଇଁ ଚେତାବନୀ

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବ୍ରହ୍ମପୁର,୬ ।୩(ସମିସ):** ସ୍ଥାନୀୟ ଗାନ୍ଧୀନଗର ସ୍ଥିତ ସରକାରୀ ପୌର ବାରାକସ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଯୋଗ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗିରଥି ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସିଆରସିସି ବାଙ୍କ ବିହାରୀ ପ୍ରଧାନ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ହିମାଂଶୁ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ପଣ୍ଡାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ଶିକ୍ଷୟତ୍ରୀ ମୀରାବାଇ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବଂଶୀଧର ବିଶ୍ୱାଳ, ଶିକ୍ଷୟତ୍ରୀ ସ୍ମିତା ପଣ୍ଡା, ସ୍ମିତା ବେହେରା, ଗୌରୀ ପଣ୍ଡା, ପାଚିକା ଓ ସହାୟିକା କେ. ସାକମ୍ବରୀ ଆଚାରୀ, ଲିଲି ଆଚାରୀ ଓ କ୍ରିଷ୍ଣା ଉପସ୍ଥିତ ଥିଲେ।

## ଟିପିଏସଓଡିଏଲ୍ ପକ୍ଷରୁ ଲାଇନ୍‌ମ୍ୟାନ୍ ଦିବସ ଓ ଜାତୀୟ ସୁରକ୍ଷା ଦିବସ ପାଳିତ

**ବ୍ରହ୍ମପୁର,୬ ।୩(ସମିସ):** ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣରେ ଲାଇନ ମ୍ୟାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଦେଇ ଟିପି ସଦର୍ଣ୍ଣ ଓଡ଼ିଶା ବିତରଣ ଲିମିଟେଡ଼(ଟିପିଏସଓଡିଏଲ)ରେ ଲାଇନମ୍ୟାନ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଟିପିଏସଓଡିଏଲ୍, ଲାଇନମ୍ୟାନଙ୍କ ମଧ୍ୟରେ ସୁରକ୍ଷା ସଚେତନତା ସୃଷ୍ଟି କରିବା ସହ ପ୍ରତିଟି ଘରକୁ ଆଲୋକିତ କରିବାରେ ସେମାନଙ୍କ ନିଷ୍ଠା ପ୍ରତି କୃତଜ୍ଞତା ଜଣାଇଛି। କର୍ପୋରେଟ ଅଫିସ ସମେତ ୧୯ଟି ଡିଭିଜନ ଓ ୬ଟି ସର୍କଲରେ ଲାଇନ୍ ମ୍ୟାନ ଦିବସ ପାଳିତ ହୋଇଛି। ୨୦୦ରୁ ଉର୍ଦ୍ଧ୍ୱ ପରିଶ୍ରମୀ ନିଷ୍ଠାବାନ ଲାଇନ୍ ମ୍ୟାନଙ୍କୁ ସେମାନଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। କର୍ତ୍ତବ୍ୟ ପ୍ରତି ସେମାନଙ୍କ ପ୍ରତିବଦ୍ଧତା ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଉପଭୋକ୍ତାଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାକୁ ସୁନିଶ୍ଚିତ କରେ।



ଅନ୍ୟ ପକ୍ଷରେ ବ୍ରହ୍ମପୁର ସ୍ଥିତ କର୍ପୋରେଟ ଅଫିସରେ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, " ବିଦ୍ୟୁତ ବିତରଣ କ୍ଷେତ୍ରରେ ଲାଇନ୍ ମ୍ୟାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ କମ୍ପାନୀର ମେରୁଦଣ୍ଡ ସଦୃଶ। ଆଜିର ଚତୁର୍ଥ ଲାଇନ୍ ମ୍ୟାନ ଦିବସରେ ମୁଁ ସେମାନଙ୍କ ପରିଶ୍ରମକୁ ପ୍ରଶଂସା କରୁଛି। ସେମାନଙ୍କ କର୍ତ୍ତବ୍ୟ ନିଷ୍ଠା ଯୋଗୁଁ ହିଁ ଆମେ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇ ପାରୁଛୁ। ମୁଁ ଲାଇନ ମ୍ୟାନଙ୍କୁ ଓ ସେମାନଙ୍କ ପରିବାରକୁ କୃତଜ୍ଞତା ଜ୍ଞାପନ କରୁଛି ଏବଂ ଲାଇନ ମ୍ୟାନଙ୍କ ପ୍ରତିବଦ୍ଧତାକୁ ସମ୍ମାନ ଜଣାଉଛି। ଏହା ସହ କମ୍ପାନୀ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ୨୦୨୪ର ଆରମ୍ଭ କରାଯାଇଛି, ଯାହାର ଥିମ୍ ରହିଛି "ଫୋକସ ଅନ୍ ସେଫ୍ଟି ଲିଡରସିପ ଫର୍ ଇଏସଜି ଏକ୍ସଲେନ୍ସ"। କର୍ମକ୍ଷେତ୍ରରେ 'ଜିରୋ ହାର୍ମ' ଲକ୍ଷ୍ୟ ହାସଲ ପାଇଁ ଅନୁକରଣୀୟ ସୁରକ୍ଷା ଅଭ୍ୟାସ ଓ ଉପକରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ସମ୍ବଳିତ ଏକ ସେଫ୍ଟି ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। ଜାତୀୟ ସୁରକ୍ଷା ସପ୍ତାହ ଉପଲକ୍ଷେ ଏହି ମାସରେ ଗଳ୍ପ, ସେଫ୍ଟି କୁଇଜ୍ ପ୍ରତିଯୋଗିତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବାକୁ ଯାଉଛି।

# ୯ ରୁ ବ୍ରହ୍ମପୁରରେ 'କ୍ରୁଟ୍' ପକ୍ଷରୁ ଗଡ଼ିବ 'ମୋ ବସ୍'

ବ୍ରହ୍ମପୁର,୬।୩(ସମିସ)

● ୪ଟି ରୁଟରେ ସରିଲାଣି ଟ୍ରାଏଲ ରନ୍
● ହଳଦିଆପଦର ଠାରୁ ଫାଷ୍ଟଗେଟ ମଧ୍ୟରେ ରହିଛି ସମସ୍ୟା
● ପ୍ରତିବନ୍ଧକ ସାଜିପାରେ ଅଣଓସାରିଆ ରାସ୍ତା ଓ ରାସ୍ତାକଡ ବୃକ୍ଷ
● ପ୍ରଥମ ପର୍ଯ୍ୟାୟରେ ଆସିଛି ୫ଟି ଏସି ଇଲେକ୍ଟ୍ରିକ ଓ ୧୦ଟି ଡିଜେଲ ମୋ ବସ୍
● ଆଗକୁ ବଢ଼ିବ ବସ୍ ସଂଖ୍ୟା, 'ମୋ ବସ୍' ନେବ 'ସିଟି ବସ୍'ର ସ୍ଥାନ

ଆସନ୍ତା ୯ତାରିଖରୁ ବ୍ରହ୍ମପୁରରେ କ୍ରୁଟ ପକ୍ଷରୁ 'ମୋ ବସ୍' ସେବାର ଶୁଭାରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଏହି ସେବାର ଲୋକାର୍ପଣ କରିବେ। କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଓ ରାଉରକେଲାରେ ସଫଳତାର ସହ ଯାତ୍ରୀସେବା ପ୍ରଦାନ ପରେ ଏକା ସଙ୍ଗେ ସମ୍ବଲପୁର ଓ ବ୍ରହ୍ମପୁରରେ ଏହି ସେବା ଆରମ୍ଭ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ସହରରେ ୪ଟି ରୁଟରେ ନିୟମିତ ବ୍ୟବଧାନରେ ଏହି ବସ ସେବା ଉପଲବ୍ଧ ହେବ। ଏଥିପାଇଁ କ୍ରୁଟ ପକ୍ଷରୁ ୫ଟି ଶୀତତାପ ନିୟନ୍ତ୍ରିତ ଇଲେକ୍ଟ୍ରିକ ବସ ଓ ୧୦ଟି ଡିଜେଲ ବସ ଆସିସାରିଛି। ଏହି ବସସେବା ଆରମ୍ଭ ସହ ହଳଦିଆପଦର ସ୍ଥିତ ନୂତନ ବସଷ୍ଟାଣ୍ଡ ମଧ୍ୟ କାର୍ଯ୍ୟକ୍ଷମ ହେବ। ଏତିପାଇଁ ସମସ୍ତ ପ୍ରସ୍ତାବିତ ୪ଟି ରୁଟରେ ବସଗୁଡିକର ଟ୍ରାଏଲ ରନ୍ ମଧ୍ୟ ଶେଷ ହୋଇଛି। ତେବେ ୪ଟି ରୁଟ ମଧ୍ୟରୁ ୩ଟି ରୁଟରେ କୌଣସି ସମସ୍ୟା ନଥିଲେ ହେଁ ହଳଦିଆପଦର ଠାରୁ ଅମ୍ବପସରା ରୋଡ ଦେଇ ଫାଷ୍ଟଗେଟ ପର୍ଯ୍ୟନ୍ତ ରାସ୍ତାରେ ମୋ ବସ୍‌ର ଏହି ବିରାଟକାୟ ବସଗୁଡିକର ଯାତାୟତରେ ସମସ୍ୟା ରହିଛି। ଅଣଓସାରିଆ ରାସ୍ତା ସାଙ୍ଗକୁ ରାସ୍ତା କଡରେ ଥିବା ବିରାଟକାୟ ବୃକ୍ଷଗୁଡିକର ଶାଖାଗୁଡିକ ବସର ଉପରଭାଗରେ ଥିବା ଏସି ଯନ୍ତ୍ରାଂଶକୁ ଲାଗୁଛି। ତେବେ ଆବଶ୍ୟକସ୍ଥଳେ ବୃକ୍ଷର ଶାଖାଗୁଡିକୁ କାଟି ବସ ଚଳାଚଳ କରାଯିବ। ଏହି ବସସେବା ଆରମ୍ଭ ହେଲେ ବ୍ରହ୍ମପୁରବାସୀଙ୍କ ଦିର୍ଘଦିନର ଦାବି ପୂରଣ ହେବା ସହିତ ସୁରକ୍ଷିତ ଓ ସୁଲଭ ସଡକ ଯାତ୍ରା ଉପଲବ୍ଧ ହୋଇପାରିବ। ପ୍ରଥମ ପର୍ଯ୍ୟାୟରେ ଯଦିଓ ୪ଟି ରୁଟରେ ଏହି ବସସେବା ଉପଲବ୍ଧ ହେବ କ୍ରମଶଃ ଏହି ବସ ସଂଖ୍ୟା ବୃଦ୍ଧି ପାଇବା ସହିତ ସିଟିବସର ସ୍ଥାନ ନେବ ମୋ ବସ ସେବା। ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ନୂତନ ବସ୍‌ଷ୍ଟାଣ୍ଡରୁ ସହରକୁ ଏହି ବସ ଚଳାଚଳ କରିବ। ଆଗାମୀ ଦିନରେ ଛତ୍ରପୁର ଓ ଗୋପାଳପୁର ଭଳି ବସଷ୍ଟାଣ୍ଡରେ ଇଲେକ୍ଟ୍ରିକ ବସ ପାଇଁ ଚାର୍ଜିଂ ବ୍ୟବସ୍ଥା କରାଯିବ ଓ ସେହି ରୁଟରେ ମଧ୍ୟ ବସ ଚଳାଚଳ କରିବାର ଯୋଜନା ରହିଛି। ବର୍ତ୍ତମାନ ହଳଦିଆପଦର ସ୍ଥିତ ବସଷ୍ଟାଣ୍ଡରେ ଇଲେକ୍ଟ୍ରିକ ବସର ଚାର୍ଜିଂ ପଏଣ୍ଟ ସ୍ଥାପନ କରାଯାଇଛି। ଏହି ଦାୟିତ୍ୱ ଟିପିଏସଓଡିଏଲକୁ ଦିଆଯାଇଛି।





# ଜିଲ୍ଲାପାଳଙ୍କୁ ଭେଟିଲେ ରଟିଙ୍ଗିଆ ଅଞ୍ଚଳବାସୀ




**ଜି.ଉଦୟଗିରି, ୬।୩(ସମିସ):** ସରକାରଙ୍କ ବିଭିନ୍ନ ଯୋଜନା ସହିତ ମୌଳିକ ସମସ୍ୟାର ପ୍ରଶାସନ ସମାଧାନ କରୁଥିବା ବେଳେ ଅନେକ ଅଞ୍ଚଳ ବଞ୍ଚିତ ହେଉଛି। ବାରମ୍ବାର ଲିଖିତ ଭାବେ ଅଭିଯୋଗ ଜଣାଇଲେ ମଧ୍ୟ ତାର ସମାଧାନ ହେଉନାହିଁ। ଏପରି ଏକ ଉଦାହରଣ ହେଉଛି କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକର ରଟିଙ୍ଗିଆ ପଞ୍ଚାୟତ। ରଟିଙ୍ଗିଆ ପଞ୍ଚାୟତବାସୀ ବ୍ଲକ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏବଂ ରାଜନେତାଙ୍କୁ ମୌଳିକ ସମସ୍ୟାର ସମାଧାନ ପାଇଁ ଦାବି ଜଣାଇଥିଲେ ସୁଦ୍ଧା ତାହାର ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି। ତରଫରୁ ୪-ଜି ନେଟୱାର୍କ ସ୍ଥାପନ, ପାନୀୟଜଳର ସୁବ୍ୟବସ୍ଥା, ମୁଖ୍ୟ ରାସ୍ତା ମରାମତି, ଦୁଇଟି ଡ୍ୟାମର ଫାଟକ ମରାମତି, ସୌନ୍ଦର୍ଯ୍ୟକରଣ, ଆଲୋକିକରଣ ଓ ଶିକ୍ଷା ବ୍ୟବସ୍ଥା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କୁ ଦାବି ପ୍ରଦାନ କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବୁଧବାର ରଟିଙ୍ଗିଆ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ସମିତିସଭ୍ୟ ତଥା ଜି.ଉଦୟଗିରି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଏନ୍. ଲୁକ, ନାଏବ ସରପଞ୍ଚ ସାରଳା ପ୍ରଧାନ, କଂଗ୍ରେସ ବ୍ଲକ ସଭାପତି ସଦାନନ୍ଦ ନାୟକ, ସମାଜସେବୀ ହୃଷୀକେଶ ପ୍ରଧାନଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଭେଟି ଦାବି ଜଣାଇଛନ୍ତି।

ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅଞ୍ଚଳର ଲୋକେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଜଣାଇବା ସହ ସମସ୍ୟାର ସମାଧାନ ନହେଲେ ଅଞ୍ଚଳବାସୀ ଭୋଟ ବର୍ଜନ କରିବା ସହିତ ରାସ୍ତାରୋକ ଭଳି ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ମଧ୍ୟ ଜଣାଇଛନ୍ତି। ସରପଞ୍ଚ, ସମିତିସଭ୍ୟାଙ୍କ ସହ ୱାର୍ଡ ସଭ୍ୟା ମନ୍ଦାକିନୀ ନାୟକ, ସାବିତ୍ରୀ ପ୍ରଧାନ, ଲିନା ପ୍ରଧାନ, ରିତାରାଣୀ ପ୍ରଧାନ, ସଭ୍ୟ ଜୟ ଚନ୍ଦ୍ର ପ୍ରଧାନ, ଜୟାନନ୍ଦ ପ୍ରଧାନ, ଜନକ ପ୍ରଧାନଙ୍କ ସମେତ କରାଳ ମଲ୍ଲିକ, ମିତ୍ରକା ନାୟକ, ମିଳନ ନାୟକ, ଜୟନନ୍ଦ ନାୟକ, ଉମେଶ ଚନ୍ଦ୍ର ପ୍ରଧାନ ଓ ସାନୁଜ ପ୍ରଧାନ ଓ ଅଞ୍ଚଳର ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ଅଞ୍ଚଳରେ ଅନାଦର, ପଡ଼ୋଶୀରେ ଆଦର

# କଞ୍ଚା ପଣସକୁ ମିଳୁନି ଉଚିତ ମୂଲ୍ୟ

**ଗୁମ୍ମା, ୬।୩(ସମିସ)**

ଶାକାହାରୀଙ୍କ ପସନ୍ଦ ପୋଷଣତତ୍ତ୍ୱରେ ଭରା କଞ୍ଚା କସି ପଣସର ସ୍ୱାଦ ନିଆରା। ଗଜପତି ଜିଲ୍ଲାର ପ୍ରାୟ ଘରେ ଘରେ ପଣସରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତି ସହ ଲୋକେ ଏହାକୁ ଖାଇବା ପାଇଁ ଆଗ୍ରହ କରିଥାନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଯେ ସେହି କସି ପଣସକୁ ଉଚିତ ବଜାର ମୂଲ୍ୟ ମିଳୁ ନ ଥିବା ଅଭିଯୋଗ ହେଉଛି। ଗଛରୁ ପଣସ ସଂଗ୍ରହ ପରେ ରାସ୍ତା କଡ଼ରେ ବଜାର ଖୋଲୁଛି। ଯୁବ ଗୋଷ୍ଠୀ ନିଜ ବାଡ଼ି ବଗିଚାର ହେଉ କି ଜଙ୍ଗଲରେ ଥିବା ଗଛରୁ ପଣସ ତୋଳି ଆଣି କିଲୋ ପିଛା ୧୫ ରୁ ୨୦ ଟଙ୍କାରେ ବିକ୍ରି କରି ନିଜ ହାତ ଖର୍ଚ୍ଚ ତୁଲାଉଛନ୍ତି। ପଣସର ଚାହିଦା ବାହାର ରାଜ୍ୟରେ ଅଧିକ ରହିଛି। ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ବିହାର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟର ଦଲାଲ ପଣସକୁ ଶାଗ ମାଛ ଦରରେ ଟ୍ରକ ଟ୍ରକ ବୋହି ନେଇ ମାଲାମାଲ ହେଉଛନ୍ତି। ସମଗ୍ର ଭାରତ ବର୍ଷରେ ପଣସ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶାର ୧୫ଟି ଜିଲ୍ଲାରେ ଏହି ପଣସ ଚାଷ ହେଉଥିବା ବେଳେ ହଜାର ହଜାର ଟନ ଉତ୍ପାଦନ ହୋଇଥାଏ। ଗଜପତି ଜିଲ୍ଲାରେ ଏହାର ସିଂହ ଭାଗ ଉତ୍ପାଦନ ହେଉଥିବା ବେଳେ ଏଠାକାର ପଣସ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅଞ୍ଚଳର ଜଳବାୟୁ ଓ ମାଟିର ଆଦ୍ରତା ଯୋଗୁଁ ଏଠାରେ ପଣସ ଭଲ ଉତ୍ପାଦନ ହୋଇଥାଏ। ଏଠାକାର ପଣସରେ ମାନବ ଶରୀରକୁ ପ୍ରତିଦିନ ଆବଶ୍ୟକ କରୁଥିବା ଏକାଧିକ ଭିଟାମିନ ରହିଛି ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଗୁମ୍ମା ବ୍ଲକର ୨୧ଟି ଗ୍ରାମାଞ୍ଚଳରେ ସେରଙ୍ଗ, ଗାଇବା, ଗୁମ୍ମା, ତୁମୁଲ, ଅଜୟଗଡ଼, ସୁକେଇ ଓ କିତୁମ୍ବା ଚାଷୀଙ୍କ ନିଜସ୍ୱ ଉଦ୍ୟମରେ ୧୮.୫୪ ହେକ୍ଟର ଜମିରେ ପଣସ ବୃକ୍ଷରୋପଣ ହୋଇଥିବା କୁହାଯାଇଛି। ଉକ୍ତ ଅଞ୍ଚଳରୁ ୭୧.୩୩ ମେଟ୍ରିକ ଟନ ପଣସ ଉତ୍ପାଦନ ହେଉଥିବା ସୂଚନା ମିଳିଛି। ଅଞ୍ଚଳର ପଣସରେ ଭିଟାମିନ ଏ, ସି, କ୍ୟାଲସିୟମ, ପୋଟାସିୟମ, ଫୋଲିକ ଏସିଡ୍ ଭଳି ପୋଷକତତ୍ତ୍ୱ ଥିବା କୁହାଯାଉଛି। ଉତ୍ପାଦିତ ପଣସର ସଦୁପଯୋଗ କରି ମହିଳା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବାରେ କୃଷି ଓ ଉଦ୍ୟାନ କୃଷି ବିଭାଗ ବିଫଳ ହୋଇଥିବା ଅଭିଯୋଗ ହେଉଛି। ପଣସ ଚାଷୀଙ୍କ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



## ପ୍ରତିଶ୍ରୁତି ରକ୍ଷାକଲେ ବିଡିଓ

**ଗୁମ୍ମା, ୬।୩(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ଖ୍ରୀଷ୍ଟିଆନ ସାହିର ସୁବେନ ବିହାରୀ ସିଂଙ୍କ (୫୩) ଆକସ୍ମିକ ମୃତ୍ୟୁ ଘଟିଥିଲା।ସୁବେନ ଦିନ ମଜୁରିଆ ଭାବେ ହାଇଦରାବାଦ ସ୍ଥିତ ଏକ କମ୍ପାନୀରେ କାର୍ଯ୍ୟ କରି ନିଜର ପରିବାର ଭରଣ ପୋଷଣ କରୁଥିଲେ। ହାଇଦରାବାଦରୁ ଗୁମ୍ମାକୁ ମୃତଦେହ ଆଣିବା ପାଇଁ ବିଡ଼ିଓଙ୍କୁ ଅନୁରୋଧ କରିଥିଲେ ପରିବାର ଲୋକେ। ଏସମ୍ପର୍କରେ ରହିଥିବା ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ବିଡ଼ିଓ ଯସ୍ମୀନ କୁମାର ପ୍ରଧାନ ପରିବାରକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ବିଡ଼ିଓ ସୁବେନଙ୍କ ପତ୍ନୀ କମଳା ସିଂଙ୍କ ବ୍ୟାଙ୍କ ଖାତାକୁ ୨୦ହଜାର ଟଙ୍କା ପ୍ରଦାନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ସୁବେନଙ୍କ ପତ୍ନୀଙ୍କୁ ତୁରନ୍ତ ବିଧିବା ଭତ୍ତା ପ୍ରଦାନ ଓ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ କରିବାକୁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ତାଙ୍କ ଝିଅ ଓ ପୁଅର ପାଠ ପଢ଼ା ବାବଦରେ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି କହିଛନ୍ତି ବିଡ଼ିଓ। ଏନେଇ ପରିବାର ଲୋକେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସରକାରୀ ବସ୍ ଦୁର୍ଘଟଣାଗ୍ରସ୍ତ, ୨୦ ଆହତ

**ଖଜୁରୀପଡ଼ା, ୬।୩(ସମିସ):** ଫୁଲବାଣୀରୁ ଅନୁଗୁଳ ଯାଉଥିବା ଏକ ସରକାରୀ ବସ୍ ବୁଧବାର ସକାଳେ ରାଣୀପଥର ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଫୁଲବାଣୀ ଠାରୁ ଅନୁଗୁଳକୁ ଯାଉଥିବା ସରକାରୀ ଯାତ୍ରୀବାହୀ ବସ୍ ସକାଳ ୫ଟା ସମୟରେ କନ୍ଧମାଳ-ବୌଦ୍ଧ ସୀମାନ୍ତ ରାଣୀପଥର ଘାଟିର ରାଣୀରାଜା କୂଅ ନିକଟ ବୁଲାଣି ଠାରେ ଭାରସାମ୍ୟ ହରାଇ ରାସ୍ତାକଡ ଗାର୍ଡୱାଲରେ ବାଡ଼େଇ ତଳକୁ ଓଲଟି ପଡ଼ିଥିଲା। ଏଥିରେ ପାଖାପାଖି ୪୫ରୁ ଅଧିକ ଯାତ୍ରୀ ବସିଥିଲେ। ସେମାନଙ୍କ ମଧ୍ୟରୁ ୨୦ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଖବରପାଇ ଚାରିଛକ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ପୁରୁଣା କଟକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ସଦର ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

## ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ



**ପାରଳାଖେମୁଣ୍ଡି, ୬।୩(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଆଶୀର୍ବାଦ ସମ୍ମିଳନୀ ସଭା ଗୃହରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରଦୀପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବରେ ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଡିଏମ୍ଓ ଡା. ପ୍ରମୋଦ କୁମାର ପଣ୍ଡା, ଡିପିଏଚ୍ଓ ଡା. ଏମ୍. ଏମ୍.ମଲ୍ଲୀ, ଏଡିପିଏଚ୍ଓ ଡା. ଏମ.କେ. ଭୁୟାଁ ଓ ଡପିଏମ୍ଓ ସୌମ୍ୟାରାଣୀ ଗୌଡ଼ ଯୋଗ ଦେଇଥଲେ। କୋଭିଡ ସମୟରେ ଆଶାକର୍ମୀଙ୍କ ଅବଦାନ ଅତୁଳନୀୟ। ଘରକୁ ଘର ବୁଲି କୋଭିଡ୍ କେଶ୍ ଚିହ୍ନଟ କରି ସ୍ୱାସ୍ଥ୍ୟସେବା ଜନସାଧାରଣଙ୍କୁ ଯୋଗାଇଥିଲେ। ଆଶାକର୍ମୀଙ୍କ ବିନା ଆମେ କେବେହେଲେ କୋଭିଡ୍ ଉପରେ ବିଜୟ ଲାଭ କରିବା ପାରିନଥାଆନ୍ତେ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଶାକର୍ମୀ, ସରପଞ୍ଚ, ପଞ୍ଚାୟତ ସମିତିର ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ଆଶା କର୍ମୀମାନେ ହି ତୃଣମୂଳ ସ୍ତରରୁ ସ୍ୱାସ୍ଥ୍ୟ ସଚେତନାର ବାର୍ତ୍ତାବହ ହୋଇଥିବାରୁ ଜିଲ୍ଲାର ସମସ୍ତ ୧୩୩୫ ଜଣ ଆଶାକର୍ମୀ ଓ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ପରାମର୍ଶ ଦେଇଥିଲେ। ଗଜପତି ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଜାଗ ରହିବାକୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ ଗଜପତି ଜିଲ୍ଲାର ସମସ୍ତ ଆଶା, ଅଙ୍ଗନବାଡ଼ି କର୍ମୀ, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ତୃଣମୂଳ ସ୍ତରରୁ ସ୍ୱାସ୍ଥ୍ୟ ସେବାରେ ବେଶ ଉଲ୍ଲେଖନୀୟ କାମ କରୁଛନ୍ତି। ଏହି ଅବସରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଜିଲ୍ଲାର ୭ ବ୍ଲକ ଓ ପାରଳାଖେମୁଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କୃତ କରାଯାଇଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୪ ଜଣ ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଗାଁ କଲ୍ୟାଣ ସମିତିର ୭ ଜଣଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ମହିଳା ଆରୋଗ୍ୟ ସମିତି ୧୪ଟି ମହିଳା ସଂଗଠନକୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମକର୍ତ୍ତା, ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନବାଡି କର୍ମୀ, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତ୍ତାଙ୍କ ସମେତ ୩୦୦ରୁ ଉର୍ଦ୍ଧ୍ୱ ଉପସ୍ଥିତ ଥିଲେ। ଜିଲ୍ଲା ଆଶାକର୍ମୀ ପ୍ରବନ୍ଧକ ନାରାୟଣ ମଲ୍ଲିକ ଓ ନେତ୍ରାନନ୍ଦ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଖାରଡ଼ା ପଞ୍ଚାୟତରେ ଜଙ୍ଗଲ ଜମିପଟ୍ଟା ବଣ୍ଟନ



**କାଶୀନଗର, ୬।୩(ସମିସ):** ଗଜପତି ଜିଲ୍ଲା କାଶୀନଗର ତହସିଲ ଅନ୍ତର୍ଗତ ଖାରଡ଼ା ପଞ୍ଚାୟତର ତାଡ଼ବା ଗ୍ରାମର ହିତାଧିକାରୀଙ୍କୁ ବୁଧବାର ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ତହସିଲଦାର ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ରାଜସ୍ୱ ପରିଦର୍ଶକ ଆନନ୍ଦ ପ୍ରଧାନ ଓ ରାଜସ୍ୱ ନୀରିକ୍ଷକ ଏମ. ସୁଧାକର ସହଯୋଗ କରିଥିଲେ। ମୋଟ ୫୭ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ଜମିପଟ୍ଟା ପାଇ ସ୍ଥାନୀୟ ହିତାଧିକାରୀ ହସିଲଦାର ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ୍ ଜଣାଇଥିଲେ। ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ କାଶୀନଗର ତହସିଲ କାର୍ଯ୍ୟରତ ରାଜସ୍ୱ ନୀରିକ୍ଷକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଭିନ୍ନ ଦାବି ନେଇ କଳାକାର ମହାସଂଘର ବିକ୍ଷୋଭ

**ଟିକାବାଲି, ୬।୩(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ ହାଟପଦା ପ୍ରାଙ୍ଗଣରେ ପାରମ୍ପରିକ ଲୋକ କଳାକାର ମହାସଂଘ କନ୍ଧମାଳ ତରଫରୁ ବିଭିନ୍ନ ଦାବି ନେଇ ସଂଘର ସଭାପତି କ୍ରିଷ୍ଣାଚନ୍ଦ୍ର ଦିଗାଲଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଂଘର ସମସ୍ତ ମୁଖ୍ୟଙ୍କୁ ସ୍ୱାଗତ କରାଯାଇଥିଲା। କଳାକାରଙ୍କ ସମସ୍ୟା ତଥା ଅଞ୍ଚଳର ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଢ଼ୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। କନ୍ଧମାଳ ପ୍ରଗତି ମିଳିତ ମହାସଂଘ ତରଫରୁ ଏକ ଲକ୍ଷ କଳାକାରଙ୍କୁ ଭତ୍ତା ମଞ୍ଜୁରୀ କରିବା, ଟିକାବାଲିକୁ ଏନଏସି ମାନ୍ୟତା, ରକ୍ତ ଭଣ୍ଡାର ଖୋଲିବା, ପ୍ରତ୍ୟେକ ଗାଁକୁ ରାସ୍ତା, ପାନୀୟ ଜଳ, ଆବାସ ଘର, କଳାକାରଙ୍କ ଦୁଇଟି ଝିଅଙ୍କୁ ଆର୍ଥିକ ସହାୟତା ପ୍ରଦାନ, କଳାକାର ସଂଘ ପାଇଁ ଜମି ଦେବା ପାଇଁ ଟିକାବାଲି ତହସିଲଦାର ନର୍ମଦା ନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମାବେଶରେ କଳାକାର ସଂଘର ଉପଦେଷ୍ଟା ପ୍ରେମନ୍ତ କହଁର, ସମ୍ପାଦକ ବଲି କହଁର, ସହ ସମ୍ପାଦକ ଅପସରି ଦିଗାଲ, କୋଷାଧ୍ୟକ୍ଷ ବିଶ୍ୱନାଥ କହଁର, ପ୍ରତ୍ୟେକ ପଞ୍ଚାୟତ ତଥା ଚକାପାଦ ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରମୁଖ ପାରମ୍ପରିକ ଲୋକ କଳାକାର ଏଥିରେ ସାମିଲ ହୋଇଥିଲେ।



## ଦାରିଙ୍ଗବାଡ଼ିରେ ମେଗା ହଳଦୀ କ୍ଲଷ୍ଟର ଋଣମେଳା

**ଦାରିଙ୍ଗବାଡ଼ି, ୬।୩(ସମିସ):** ଷ୍ଟେଟବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟ ଶାଖା ଫୁଲବାଣୀ ତରଫରୁ ଏହାର ଦାରିଙ୍ଗବାଡ଼ି ଶାଖା ପୌରୋହିତ୍ୟରେ ଆଇଟିଆଇ ପଡ଼ିଆରେ ଏକ ମେଗା ହଳଦୀ କ୍ଲଷ୍ଟର ଋଣମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଷ୍ଟେଟ ବ୍ୟାଙ୍କର ମହା ପ୍ରବନ୍ଧକ ଦିନେଶ ପୃଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହା ପ୍ରବନ୍ଧକ ଉତ୍ତମ କୁମାର ହାଜରା ଚୌଧୁରୀ, ଉପ ମହା ପ୍ରବନ୍ଧକ ସନ୍ଦୀପ କୁମାର ଚୌବେ, ଆଞ୍ଚଳିକ ମ୍ୟାନେଜର ମାନସ ରଞ୍ଜନ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ୧୦୧ ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ତିନି କୋଟି ୧୦ ଲକ୍ଷ ଟଙ୍କା ଏବଂ ୩୫ଜଣ କୃଷକଙ୍କୁ ମୋଟ ଏକୋଇଶ ଲକ୍ଷ ଟଙ୍କା ଚାଷ ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ପୃଥୀ ସମାଜର ଉନ୍ନତିରେ ବ୍ୟାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଦାରିଙ୍ଗବାଡ଼ି ଷ୍ଟେଟ ବ୍ୟାଙ୍କ ଶାଖା ତରଫରୁ ପ୍ରଦାନ କରାଯାଇଥିବା ୫୧ ଜଣ ମୋ ସ୍କୁଟି ହିତାଧିକାରୀଙ୍କୁ ଅତିଥିମାନେ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ସଭାରେ ଏକ ହଜାରରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ମହିଳା, କୃଷକ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟ ଶାଖା ଫୁଲବାଣୀର ମୁଖ୍ୟ ପରିଚାଳକ ପ୍ରଦ୍ୟୁମ୍ନ କିଶୋର ସ୍ୱାଇଁ ଏବଂ ଦାରିଙ୍ଗବାଡ଼ି ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ବ୍ରଜକିଶୋର ପାଢ଼ୀ ପରିଚାଳନା କରିଥିଲେ।




## କାରିଗରଙ୍କ ହାତରେ କାଷ୍ଠ ପାଉଛି ଜୀବନ

# ବିଦେଶରେ ବଢୁଛି ଆଦିବାସୀଙ୍କ ହାତତିଆରି କାଠମୂର୍ତ୍ତିର ଚାହିଦା







**ଫିରିଙ୍ଗିଆ, ୬।୩(ସମିସ)**

ମରିଯାଇଥିବା ବା ନଷ୍ଟ ହୋଇଯାଇଥିବା ଗଛର ମୂଳକାଷ୍ଠରୁ ତିଆରି ହେଉଛି ଅନେକ ଆକର୍ଷଣୀୟ ମୂର୍ତ୍ତି। ମୂର୍ତ୍ତିକୁ ଥରେ ଦେଖିଲେ ଆଖି ଫେରାଇ ହେଉନି। ଜୀବନ୍ତ ଲାଗୁଥିବା ଏଭଳି କାଷ୍ଠମୂର୍ତ୍ତିର ଚାହିଦା କେବଳ ରାଜ୍ୟରେ ସୀମିତ ହୋଇ ରହିନାହିଁ, ଦେଶବିଦେଶରେ ମଧ୍ୟ ବଢ଼ିବାରେ ଲାଗିଛି।

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ଡ଼ଙ୍ଗରିକିଆ ଗ୍ରାମର ଆଦିବାସୀ କାରିଗର ଓ ମହାରଣା ଏଭଳି କାଷ୍ଠମୂର୍ତ୍ତି ନିର୍ମାଣ କରୁଛନ୍ତି। ପ୍ରାୟ ଶହେ ଜଣ ଆଦିବାସୀ ଓ ମହାରଣା ସମ୍ପ୍ରଦାୟର କାଠ କାରିଗର କାଠରେ ବିଭିନ୍ନ ପ୍ରକାର ମୂର୍ତ୍ତି ନିର୍ମାଣ କରି ରୋଜଗାରକ୍ଷମ ହୋଇ ପାରିଛନ୍ତି। ସ୍ଥାନୀୟ ଜଙ୍ଗଲରୁ ମିଳୁଥିବା ତେଲାଇ ଏବଂ ରାଠି ଗଛର ମୂଳକୁ ବ୍ୟବହାର କରି ଏଭଳି ମୂର୍ତ୍ତି ଗଢୁଛନ୍ତି। କାରିଗରଙ୍କ ହାତରେ କାଷ୍ଠ ପାଉଛି ଜୀବନ। କାଠରେ ଖୋଦେଇ କରି ବିଭିନ୍ନ ଦେବାଦେବୀ ତଥା ବୁଦ୍ଧ, ଜଗନ୍ନାଥ, ଗଣେଶ, ଲକ୍ଷ୍ମୀ, ବିଷ୍ଣୁ ଆଦି ସାଙ୍ଗକୁ ବିଭିନ୍ନ ପ୍ରକାର ପଶୁପକ୍ଷୀ ମୂର୍ତ୍ତି ମଧ୍ୟ ତିଆରି କରୁଛନ୍ତି। ଗ୍ରାମର ଜୟ ହନୁମାନ କଳା ସଂଘର ସଦସ୍ୟ ନିୟମିତ କାଠମୂର୍ତ୍ତି ନିର୍ମାଣ କରିବାରେ ବ୍ୟସ୍ତ। ଓରମାସ୍ ପକ୍ଷରୁ ଏସବୁ ମୂର୍ତ୍ତି ପ୍ରଦର୍ଶନ ପାଇଁ ଦିଲ୍ଲୀ ଓ ବେଙ୍ଗାଲୁରୁ ଭଳି ବଡ଼ ବଡ଼ ସହରକୁ ନିଆଯାଇଛି। ମୂର୍ତ୍ତି ବିକ୍ରିବଟା ପାଇଁ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ନିକଟରେ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଅଞ୍ଚଳରେ ହେଉଥିବା ପଲ୍ଲୀଶ୍ରୀ ମେଳାରେ ମଧ୍ୟ ଏହି କାଠମୂର୍ତ୍ତି ବିକ୍ରି କରାଯାଉଛି। ୨୦୦୬ ମସିହାରୁ ଓରମାସ୍ ଏହି ଗାଁର କାରିଗରଙ୍କୁ ବିଭିନ୍ନ ମେସିନ୍ ଓ ଯନ୍ତ୍ରପାତି ଯୋଗାଇଦେବା ସହିତ ବିକ୍ରିବଟାର ଦାୟିତ୍ୱ ନେଇଛି। ଗୋଟିଏ ବୁଦ୍ଧ ମୂର୍ତ୍ତି ନିର୍ମାଣ କରିବାକୁ ପାଖାପାଖ ଏକ ସପ୍ତାହ ଲାଗିଯାଏ ବୋଲି ଡଙ୍ଗରିକିଆ ଗ୍ରାମର ମୁଖ୍ୟ କାଠଶିଳ୍ପୀ ଆଲୋକ ବେହେରା କହିଛନ୍ତି। ତାଙ୍କ ନେତୃତ୍ୱରେ ପାଖାପାଖି ୧୦୦ ଜଣ କାଠଶିଳ୍ପୀ ବିଭିନ୍ନ ପ୍ରକାର ମୂର୍ତ୍ତି ନିର୍ମାଣ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ବିଶେଷ କରି ବୁଦ୍ଧ ଓ ଗଣେଶ ମୂର୍ତ୍ତିର ଚାହିଦା ବଜାରରେ ଅଧିକ ରହିଛି ବୋଲି ବହୁ କାଷ୍ଠ କାରିଗର କହିଛନ୍ତି। କାଷ୍ଠମୂର୍ତ୍ତି ବିକ୍ରି କରି ମାସକୁ ପ୍ରାୟ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ସେମାନେ କହିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ହେଉଥିବା ବିଭିନ୍ନ କଳା ପ୍ରଦର୍ଶନୀରେ ଫିରିଙ୍ଗିଆର କାଠମୂର୍ତ୍ତି ଉଚ୍ଚ ପ୍ରଶଂସିତ ହେଉଥିବା ଓରମାସ୍ ଅଧିକାରୀ ଦୁର୍ଗାପ୍ରସାଦ ଭୂୟାଁ କହିଛନ୍ତି। ଅନ୍ୟପଟେ ସେମାନଙ୍କର କାଠମୂର୍ତ୍ତିକୁ ଫୁଲବାଣୀରେ ପ୍ରଦର୍ଶିତ କନ୍ଧମାଳ ଫେଷ୍ଟରେ ମଧ୍ୟ ବିକ୍ରିବଟା କରାଯାଇଛି। କନ୍ଧମାଳ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଫୁଲବାଣୀରେ କାଠମୂର୍ତ୍ତି ଦୋକାନ ଖୋଲିବାକୁ କାରିଗର ଦାବି କରିଛନ୍ତି।



## ସ୍ଥାୟୀ ପଟ୍ଟା ଦାବିରେ ରାଲି ଓ ବିକ୍ଷୋଭ



**ଫୁଲବାଣୀ, ୬।୩(ସମିସ):** ସଦର ମହକୁମା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାର ଲୋକଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ବୁଧବାର ଅଗ୍ରଣୀ ସାମାଜିକ ସଂଗଠନ କନ୍ଧମାଳ ପିପୁଲସ ଫୋ଼ରମ (କେପିଏଫ୍) ପକ୍ଷରୁ ସଂସ୍ଥାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସମାଜସେବୀ ରାଧାମୋହନ ମହାପାତ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା। ଶତାଧିକ ଲୋକ, ବୁଦ୍ଧିଜୀବୀ ଏଥିରେ ସାମିଲ ହୋଇ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ଧରି ସ୍ଥାନୀୟ ମାଦିକୁଦା ଛକରୁ ବାହାରି ବିଜୁପଟ୍ଟନାୟକ ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସରକାରୀ ଜମିରେ ପୁରୁଷ ପୁରୁଷ ଧରି ରହି ଆସିଥିବା ଲୋକଙ୍କୁ ତୁରନ୍ତ ସ୍ଥାୟୀ ଘରବାରୀ ଜମି ପଟ୍ଟା ପ୍ରଦାନ କରିବା ନେଇ ଦାବି କରାଯାଇଥିଲା। ସେହିପରି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର କନ୍ଧମାଳ ଜିଲ୍ଲାରେ ଥିବା ସମସ୍ତ ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ, ଇକୋ ଟୁରିଜିମ ହବ କରିବା ଦାବି କରାଯାଇଥିଲା। ଏହାଦ୍ୱାରା ଜିଲ୍ଲା ଓ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକ ବହୁ ସଂଖ୍ୟାରେ ଆସିବେ ଓ ଜିଲ୍ଲାର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ମହାପାତ୍ର କହିଥିଲେ। ଉଡାଣ ଯୋଜନାରେ କନ୍ଧମାଳ ଜିଲ୍ଲାକୁ ବିମାନ ସେବା, ଡାକପାଲା ଠାରୁ ଭାୟା ସାଇନପଦର ଅରକ୍ଷପାଙ୍କୁ ସ୍ଥାୟୀ ରାସ୍ତା ନିର୍ମାଣ, ସାଇନପଦର ସ୍କୁଲର ଉନ୍ନତିକରଣ ଆଦି ଦାବି କରାଯାଇଛି। ଏହି ଅବସରରେ ଏକ ଦାବିପତ୍ର ଜିଲ୍ଲାପାଳ କନ୍ଧମାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। କେପିଏଫର ସମ୍ପାଦକ ନୀଳ ମାଧବ ମିଶ୍ର, ଉପ ସଭାପତି ପ୍ରିୟ ରଞ୍ଜନ ମିଶ୍ର, ମହିଳା ସଭାନେତ୍ରୀ ସନ୍ଧ୍ୟାରାଣୀ ରାୟ, ଯୁବ ଉପ ସଭାପତି ନିତେନ୍ ମହାପାତ୍ର, କାହ୍ନୁ ଚରଣ ଡିଗାଲ, ସତ୍ୟଭାମା ନାଗ, ସୁନିତା ମହାରଣା, ପାର୍ବତୀ ବେହେରାଙ୍କ ସମେତ ସମସ୍ତ ସଦସ୍ୟ, କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ବିଜୁ ଜୟନ୍ତୀ ପାଳିତ










**ଗଞ୍ଜାମ, ୬ ।୩(ସମିସ):** ଗଞ୍ଜାମ ଏନଏସି ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଗଞ୍ଜାମ ବିଜେଡି ନଗର ସଭାପତି ସୁଧିର ପାଢ଼ୀଙ୍କ ନେତୃତ୍ୱରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ବିଜେଡି ନଗର ସଭାପତି ରଙ୍କନାଥ ପଲାଇ, ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡ଼ା, ପୂର୍ବତନ ଏନଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି, ଯୁବନେତା ଜିତୁ ପଣ୍ଡା, ନିରଞ୍ଜନ ପରିଡ଼ା, ପପି ଗୌଡ଼, ବିଭୁତି ପଲାଇ, ଟୋନି ପଣ୍ଡା ପ୍ରମୁଖ ସହ ବିଭିନ୍ନ ୱାର୍ଡର କାଉନସିଲର ମାନେ ଉପସ୍ଥିତ ଥିଲେ ।

**ବେଲଗୁଣ୍ଠା:** ବେଲଗୁଣ୍ଠାରେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି । ନଗରପାଳ ଫିରୋଜ କୁମାର ସେଠୀଙ୍କ ନେତୃତ୍ୱରେ ସମସ୍ତ କାଉନସିଲର୍, ବରିଷ୍ଠ ବିଜେଡ଼ି ନେତା ଏବଂ କର୍ମୀ ଆସି ଲକ୍ଷ୍ମୀ ନୃସିଂହ କଲ୍ୟାଣ ମଣ୍ଡପ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ଚନ୍ଦ୍ରମଣି ସାମଲ, ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ନେତା ଟୁଟୁ ସୁବୁଦ୍ଧି, ଫିରୋଜ ମହାପାତ୍ର, ମନୋଜ ପାତ୍ର, ଯୁବନେତା ଆଲୋକ ସାହାଣୀ, କାଉନସିଲର୍ ଭାସ୍କର ପାତ୍ର, ଦିବ୍ୟ ରଞ୍ଜନ ଦାଶ, ଦିଲ୍ଲୀପ କୁମାର ଆଚାରୀ, ଲିଜା ବେହେରା, ପ୍ରଦୀପ ସେଠୀ, ପ୍ରିୟମ୍ବଦା ସାମଲ, ପ୍ରଗତି ପାତ୍ର, ପ୍ରତିମା ସ୍ୱାଇଁଙ୍କ ସମେତ ବହୁ ବିଜେଡି ନେତା ଏବଂ କର୍ମୀ ଉପସ୍ଥିତ ଥିଲେ ।

**ଦିଗପହଣ୍ଡି:** ଦିଗପହଣ୍ଡି ପୁଞ୍ଜିକୟାଁ ଛକ ସ୍ଥିତ ନନ୍ଦିଘୋଷ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ ସଭା କାର୍ଯ୍ୟ ସଂଯୋଜନା କରିଥିଲେ । ପୂର୍ବାହ୍ନରେ ବିପ୍ଳବଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀର ସହସ୍ରାଧିକ ବିଜେଡି କର୍ମୀ ପୁଞ୍ଜିକୟାଁ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । ରାଜ୍ୟ ପର୍ଯ୍ୟବେକ୍ଷକ ବିଜୟ କୁମାର ପାଲଟା ସିଂ, ଏମ୍‌ପି ପ୍ରତିନିଧି ନିରୂପମା ପଟ୍ଟନାୟକ, ବିଜେଡି ଗଞ୍ଜାମ ଜିଲ୍ଲା ଉପସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ନିର୍ବାଚନ ମଣ୍ଡଳୀ ବିଜେଡି ଯୁବ ସଭାପତି ନିରଞ୍ଜନ ରେଡ୍ଡି, କୁକୁଡାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ସଂଯୁକ୍ତା କବି, ପୂର୍ବତନ ନଗରପାଳ ହୃଦୟ ରଞ୍ଜନ ମେକାପ, ଭି. ରବିନାରାୟଣ ରାଜୁ, ମହିଳା ବିଜେଡି ବ୍ଲକ ସଭାନେତ୍ରୀ ଉମା ମହେଶ୍ୱରୀ ସେଠୀ, ସରପଞ୍ଚ ସଂଘ ସଭାପତି ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ସରପଞ୍ଚ ସଂଘ ଜିଲ୍ଲା ସଭାପତି ମନୋରଞ୍ଜନ ଗୌଡ଼, ବିଜେଡିର ବରିଷ୍ଠ ନେତା ଶମ୍ଭୁ ପଣ୍ଡା, ଗଦାଧର ଜେନା, ସନ୍ତୋଷ ଦୋରା, ଚିତ୍ରସେନ ଗୌଡ଼ଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ପୁରୁଷୋତ୍ତମପୁର, ୬ ।୩(ସମିସ):** ପୁରୁଷୋତ୍ତମପୁର ଏନଏସି ପକ୍ଷରୁ ବିଜୁପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏନଏଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସ୍କା ସାଂସଦ ପ୍ରମିଳା ବିଷୋୟୀ, ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଖଲ୍ଲିକୋଟ ଏନଏଏସି ଅଧ୍ୟକ୍ଷ ଦୈତାରି ବେହେରା ପ୍ରମୁଖ ଉପସ୍ଥିତ ରହି ପାଣ୍ଡିଆ ଛକଠାରେ ୬୫ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଏଥିସହ ମହିଳା ସଶକ୍ତିକରଣ ସକାଶେ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ମୁକ୍ତା ଯୋଜନାରେ ୯୫ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ୧୪ଟି ଗୃହକୁ ଅତିଥି ମାନେ ଲୋକାର୍ପିତ କରିଥିଲେ । ମଧୁବାବୁ ପେନସନ ଯୋଜନାରେ ୬୦ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିବା ସହ ୧୦ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା, ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, କାଉନସିଲର ଅଶୋକ କୁମାର ମହାକୁଡ, ସାଂସଦ ପ୍ରତିନିଧି ସୁଦର୍ଶନ ନାୟକ, ପ୍ରେମାନନ୍ଦ ସାହୁ, ସୁନିଲ୍ ବେହେରା, ସୁରେନ୍ଦ୍ର ନାୟକ, ଆଶିଷ ମହାପାତ୍ର, ମୁକ୍ତା କର୍ମଚାରୀ ସଂଗ୍ରାମ ନାୟକ, ବରୁଣ ବେହେରା, ବିକ୍ରମ ବେହେରାଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ସହାୟକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ ।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଖଲ୍ଲିକୋଟ,୬ ।୩(ସମିସ):** ବିଜୁବାବୁଙ୍କ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସରେ ନିର୍ମଳଝର ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି ଆସିକା ସାଂସଦ ପ୍ରମିଳା ବିଷୋୟୀ । ଏହି ଉପଲକ୍ଷେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ବାହାରି ନିର୍ମଳଝର ଛକ ଠାରେ ପହଞ୍ଚି



ଥିଲା । ଏହି ଶୋଭାଯାତ୍ରାରେ ବିଜେଡି ନେତା, କର୍ମୀ, ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟାଙ୍କ ସମେତ ପ୍ରାୟ ୫ ହଜାର ଜନ ସାଧାରଣ ଯୋଗ ଦେଇଥିଲେ । କିଛି ଦିନ ପୂର୍ବେ ବିଧାୟିକା ହଟାଅ ଖଲ୍ଲିକୋଟ ବଞ୍ଚାଅ ନାରା ଦେଇ ବିରୋଧୀ ଗୋଷ୍ଠୀ ଭୁବନେଶ୍ୱର ଶଙ୍ଖ ଭବନ ଯାଇଥିଲେ । ଏହାର ଜବାବରେ ବିଧାୟିକା ମଙ୍ଗଳବାର ଶକ୍ତି ପ୍ରଦର୍ଶନ କରିଥିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଆସିକା ସାଂସଦ ଓ ଖଲ୍ଲିକୋଟ ବିଧାୟିକାଙ୍କ ସହ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଉପାଧ୍ୟକ୍ଷ ଭାରତୀ ମହାରଣା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପ୍ର ଚରଣ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ବ୍ଲକ ମହିଳା ବିଜେଡି ସଭାପତି ମିତାଞ୍ଜଳି ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ସୋନମ ପଲେଇ, ଚନ୍ଦନା ସେଠୀ ଓ ବିନାୟକ ଜାଲି, ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ.ନିରଞ୍ଜନ ବେହେରା, ଉପାଧ୍ୟକ୍ଷ ଲିଲି ସାହୁ, କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ସୁଜାତା କୁମାରୀ ସାମନ୍ତ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମମୋହନ ପଣ୍ଡା, ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଭିକାରୀ ପାଣ୍ଡି, କୈରାଶି ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁ, ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ଉପସଭାପତି ବିକାଶ ଚନ୍ଦ୍ର ପ୍ରଧାନ, ନଗର ବିଜେଡି ସଭାପତି କେ. ନରେନ୍ଦ୍ର ପାତ୍ରଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ ।

## ବିଜେଡିର ବାଇକ୍ ରାଲି

**କବିସୂର୍ଯ୍ୟନଗର, ୬ ।୩(ସମିସ):** କବିସୂର୍ଯ୍ୟନଗର ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଗୁଡ଼ିଆଳି ଛକ ଠାରେ ଅବସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ କବିସୂର୍ଯ୍ୟନଗର ବିଜେଡି ପକ୍ଷରୁ ବିଧାୟିକା ଲତିକା ପ୍ରଧାନଙ୍କ ନେତୃତ୍ୱରେ ଏକ ବାଇକ ରାଲି ଗୁଡ଼ିଆଳି ଛକଠାରୁ ବାହାରି ବସଷ୍ଟାଣ୍ଡରେ ପହଞ୍ଚିଥିଲା । ଏନେଇ ଆୟୋଜିତ ସଭାରେ ମୁଖ୍ୟ ଅତିଥି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଗରପାଳ ଏସ. ଲକ୍ଷ୍ମୀ ସେଠୀ, ଉପନଗରପାଳ ବିକ୍ରାନ୍ତ କୁମାର ସାହୁ ଏବଂ ବିଜ୍ଞାପିତ ଅଞ୍ଚଳର କାଉନସିଲର, ସରପଞ୍ଚ ସମିତି ସଭ୍ୟ, ୱାର୍ଡ ସଭ୍ୟଙ୍କ ସହିତ ଦଳୀୟ କର୍ମୀ ଯୋଗ ଦେଇଥିଲେ । ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ବହୁବିଧ ସୁବିଧା ବସଷ୍ଟାଣ୍ଡର ଉଦଘାଟନ କରିଥିଲେ ବିଧାୟିକା । ଏହା ପରେ ୱାର୍ଡ ନଂ ୩ ଅଙ୍ଗନବାଡ଼ି କେନ୍ଦ୍ରର ଲୋକାର୍ପଣ କରିଥିଲେ । ସେହିପରି ହନୁମାନ ମନ୍ଦିର ନିକଟ ପାର୍କର ଲୋକାର୍ପଣ କରିଥିଲେ ।



## ୨୬ ୟୁନିଟ୍ ରକ୍ତ ସଂଗ୍ରହ



**ଭଞ୍ଜନଗର,୬ ।୩(ସମିସ):** ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୬ ଜଣ ରକ୍ତଦାନ କରିଥିଲେ । ଏହି ଶିବିରକୁ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ରବୀନ୍ଦ୍ର ନାଥ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ମେଡିକାଲ୍ ଅଧୀକ୍ଷକ ଡା.ସୀତାଂଶୁ ଶେଖର ଶତପଥୀ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବିଡେକା ସମ୍ପାଦକ ଇଂସନ୍ତୋଷ କୁମାର ଗୌଡ଼ଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରକୁ ଇଂ ଜେ. ସୁମା ପ୍ରଧାନ, ଇଂ ପଞ୍ଚୁ ବେହେରା, ଇଂ ପ୍ରସନ୍ନ କୁମାର ସ୍ୱାଇଁ, ଇଂ ରଶ୍ମି ରଞ୍ଜନ ରଥ, ରାକେଶ ପଟ୍ଟନାୟକ, ସୁବାଷ ଚନ୍ଦ୍ର ମୁନୀ, ଦୀନବନ୍ଧୁ ବେହେରା, ଅନ୍ତର୍ଯ୍ୟାମୀ ପଣ୍ଡା, ଶଙ୍କର କୁମାର ନାୟକ, ମୁରଲୀ ଚୌଧୁରୀ, ରବି ସାହୁ, ବିଶ୍ୱମ୍ଭର ଜେନା ପରିଚାଳନା କରିଥିଲେ । ପ୍ରଥମେ ବିଜୁ ବାବୁଙ୍କ ଫୋଟ ଚିତ୍ରରେ ଅତିଥି ମାନେ ପ୍ରଦୀପ ପ୍ରଜ୍ଜଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ଏହାପରେ ରକ୍ତଦାନ ଶିବିର ଆରମ୍ଭ ହୋଇଥିଲା ।

## କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଲେ ସରୋଜ

**ଆସିକା, ୬ ।୩(ସମିସ):** ଆସିକାରେ ପାଳିତ ହେଲା ବିଜୁ ବାବୁଙ୍କ ୧୦୮ତମ ଜୟନ୍ତୀ । ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ହଜାର ହଜାର କର୍ମୀଙ୍କ ସହ ସାଇକେଲ ରାଲିରେ ଯୋଗଦେବା ସହ ବିଜୁ ପଟ୍ଟନାୟକ ଛକ ନିକଟସ୍ଥ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ଆସିକା ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ କଳାକାର ସଂଘର ସମସ୍ତ କଳାକାର ମାନେ ନାମ ସଂକୀର୍ତ୍ତନ ମାଧ୍ୟମରେ ନଗର ପରିକ୍ରମା କରି ସଭାସ୍ଥଳକୁ ଅତିଥି ମାନଙ୍କୁ ପାଛୋଟି ନେଇଥିଲେ । ଏଥିସହ ଟାଉନ ହଲ ସ୍ଥିତ ସଭାରେ ସମସ୍ତ ମଞ୍ଚାସିନ ଅତିଥି ମାନେ ରାଜ୍ୟ ସରକାରଙ୍କର ସମସ୍ତ ଜନହିତକର ଯୋଜନା ମାନଙ୍କୁ ଲୋକଙ୍କୁ ବୁଝାଇଥିଲେ । ବିଜୁ ଜୟନ୍ତୀ ଅବସରରେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଲେ ସରୋଜ ସାହୁ, ଅମଲା ସଂଘ ନେତା ପ୍ରସନ ତ୍ରିପାଠୀ ଯୋଗ ଦେଇଥିଲେ । ଏହି ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ଜିଲ୍ଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ବିଜେଡି ନେତା ଭଗବାନ ସାହୁ, ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ନାହାକ, ବ୍ଲକ ସଭାପତି ରାଜେଶ ପଟ୍ଟନାୟକଙ୍କ ସମେତ ସଂଯୋଜକ ସୂର୍ଯ୍ୟକାନ୍ତ ପରିଡ଼ା ଦଳୀୟ କର୍ମୀ ଉପସ୍ଥିତ ଥିଲେ ।



# ପଞ୍ଚାୟତିରାଜ ଦିବସ ପାଳିତ



**ଭଞ୍ଜନଗର,୬ ।୩(ସମିସ):** ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ ବଡକୋଦଣ୍ଡା ଠାରେ ପଞ୍ଚାୟତିରାଜ ଦିବସ ପ୍ରଧାନଶିକ୍ଷକ ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଗଣେଶ ଚନ୍ଦ୍ର ପଣ୍ଡା, ସାଜନ ସ୍ୱାଇଁ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ, ସୁଜାତା ଦାସ, ବାଳକୃଷ୍ଣ ପାତ୍ର ଯୋଗ ଦେଇ ଦିବସର ତାତ୍ପର୍ଯ୍ୟ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନି ଇତିହାସ ଉପରେ ବକ୍ତବ୍ୟ ରଖିଥଲେ । ଛାତ୍ରଛାତ୍ରୀଙ୍କ ତରଫରୁ ବିଜୁ ବାବୁଙ୍କ ଉପରେ ଭାଷଣ ପ୍ରତିଯୋଗିତା କରାଯାଇ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

**ଛତ୍ରପୁର :** ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଏବଂ ଲୋକସେବା ଦିବସ ପାଳନ ହୋଇଯାଇଛି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ



ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଯୋଗଦେଇ ସଶକ୍ତ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ସୁଦୃଢ ଓଡ଼ିଶା ନିର୍ମାଣ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପଞ୍ଚାୟତସ୍ତରରେ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ଓ ଉଲେଖନୀୟ କାର୍ଯ୍ୟ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବଡକୁଶସ୍ଥଳି ପଞ୍ଚାୟତକୁ୧ ଲକ୍ଷ ୫୦ ହଜାର ଟଙ୍କା ଓ ମାନପତ୍ର, ୨ୟ ସ୍ଥାନରେ ଭାବିନିପୁର ପଞ୍ଚାୟତକୁ ୧ ଲକ୍ଷ ୨୫ ହଜାର ଟଙ୍କା ଓ ଗୋକର୍ଣ୍ଣପୁର ପଞ୍ଚାୟତ ୩ୟ ସ୍ଥାନ ଅଧିକାର କରି ୧ ଲକ୍ଷ ଟଙ୍କା ପୁରସ୍କାର ପାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦରର ଅତିରିକ୍ତ କାର୍ଯ୍ୟନିର୍ବାହି ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ ପରିଚାଳନା ଓ ସଂଯୋଜନା କରିଥିବାବେଳେ ଡିପିଏମ ଦିପକ କୁମାର ପାତ୍ର ସହଯୋଗ କରିଥିଲେ ।

**ଖଲ୍ଲିକୋଟ:** ବିଜୁବାବୁଙ୍କ ଜୟନ୍ତୀରେ ଖଲ୍ଲିକୋଟ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି । ବିଡିଓ ଦେବାଶିଷ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସ୍କା ସାଂସଦ ପ୍ରମିଳା ବିଶୋଇ, ସମ୍ମାନୀତ ଅତିଥି ଭାବେ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ




ଓ ଅନ୍ୟତମ ଅତିଥି ଭାବେ ତହସିଲଦାର ଶ୍ରୀ କୁମାର ରଥ, ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ଉପାଧ୍ୟକ୍ଷା ଭାରତୀ ମହାରଣା ଓ ସାଂସଦ ପ୍ରତିନିଧି ରତ୍ନାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ନିଜ ନିଜର ବକ୍ତବ୍ୟରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶାସନ କାଳରେ ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ୀକରଣ ହୋଇଥିଲା ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ସୋନମ ପଲେଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣି ଦଳେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ସାହୁଙ୍କ ସହ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ପିଆରଆଇ ମେମ୍ବର ଓ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ତହସିଲଦାର ଶ୍ରୀକୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

**ଛତ୍ରପୁର:** ୨୦୩୦କୁ ଦୃଷ୍ଟିରେ ରଖି ସ୍ଥାୟୀ ବିକାଶ ପାଇଁ ୯ଟି ପାରାମିଟରକୁ ବିଚାରରେ ନିଆଯାଇଛି । ଉକ୍ତ ୯ଟି ପାରାମିଟର୍‌ରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜିଲ୍ଲା, ବ୍ଲକ ଓ ପଞ୍ଚାୟତଗୁଡ଼ିକୁ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ପୁରସ୍କୃତ କରାଯାଇଛି । ସବୁବର୍ଗରେ ଉଲ୍ଲେଖନୀୟ



ପ୍ରଦର୍ଶନ ପାଇଁ ଗଞ୍ଜାମ ଜିଲ୍ଲା ରାଜ୍ୟର ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ଭାବେ ପୁରସ୍କୃତ ହୋଇଛି । ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଠାରୁ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ଏସ୍.ରାଜେଶ୍ୱରୀ ଦୋରା ଓ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦର (ରାଷ୍ଟ୍ରୀୟ ଗ୍ରାମ୍ୟ ସଶକ୍ତିକରଣ) ଡିପିଏମ୍ ଦୀପକ କୁମାର ପାତ୍ର ପ୍ରମୁଖ ଟ୍ରଫି ସହ ୪୦ ଲକ୍ଷ ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛନ୍ତି । ସେହିପରି ହିଞ୍ଜିଳିକାଟୁ ବ୍ଲକ ରାଜ୍ୟର ଦ୍ୱିତୀୟ ଶ୍ରେଷ୍ଠ ବ୍ଲକ ବିବେଚିତ ହୋଇଥିବାବେଳେ ବ୍ଲକ ଅଧ୍ୟକ୍ଷା ଓ ବିଡିଓ ଟ୍ରଫି ସହ ୨୫ ଲକ୍ଷ ଟଙ୍କା ପୁରୁସ୍କାର ରାଶି ଗ୍ରହଣ କରିଥିଲେ । ଏଥିସହ ଶେରଗଡ଼ ବ୍ଲକର ମହୁପଦର ପଞ୍ଚାୟତ ରାଜ୍ୟର ଦ୍ୱିତୀୟ ଶ୍ରେଷ୍ଠ ପଞ୍ଚାୟତ ଭାବେ ସରପଞ୍ଚ ଓ ପିଇଓ ଟ୍ରଫି ସହ ୧୫ ଲକ୍ଷ ଟଙ୍କା ଗ୍ରହଣ କରିଛନ୍ତି ।

## ‘ନୂଆ-ଓ’ ଛାତ୍ରବୃତ୍ତି କାର୍ଯ୍ୟକ୍ରମ

**ଗଞ୍ଜାମ, ୬ ।୩(ସମିସ):** ଗଞ୍ଜାମ କଲେଜ ଅଡିଟରିୟମରେ ‘ନୂଆ - ଓ’ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କଲେଜ ଅଧ୍ୟକ୍ଷ ସିମାଞ୍ଚଳ ଭୋଳ ଅଧ୍ୟକ୍ଷତା କରିଥିଲେ । ଗଞ୍ଜାମ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର ବାର୍ତ୍ତା ପ୍ରଦାନ କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଲକ୍ଷ୍ମୀ ନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ସ୍ନାତକର ସମସ୍ତ ଛାତ୍ରଛାତ୍ରୀଙ୍କୁ ‘ନୂଆ - ଓ ’ ଛାତ୍ରବୃତ୍ତିର ମାନପତ୍ର ପ୍ରଦାନ କରିଥିଲାବେଳେ ପ୍ରଫେସର ଡ଼. ସ୍ମରଣିକା ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କଲେଜର ପ୍ରଫେସର ଡ଼. ପିତାମ୍ବର ବେହେରା, ରିଡର ଅମର ପ୍ରସାଦ ବିଷୋୟୀ, ପ୍ରଫେସର ମମତା ପାଢ଼ୀ, ପ୍ରଫେସର ଅସ୍ମିତା ପଟ୍ଟନାୟକ, ପ୍ରଫେସର ଗଦାଧର ସାହୁ, ଅଧ୍ୟାପକ ଦୁର୍ଗାପ୍ରସାଦ ଦାଶ, ସୁଶାନ୍ତ ସେଠୀ, ସୂର୍ଯ୍ୟକାନ୍ତ ମୁଦୁଲି, ସୁମନ ସେଠୀ, ଶୁଭେନ୍ଦୁ ବିକାଶ ଟହଲ, ଅଧ୍ୟାପିକା ଅରୁନ୍ଧତି ସିଂ, ଖୁସୁବ୍ ନାଜ୍, ହିମାଂଶୁ ଶେଖର ନାହାକ, ଅବିନାଶ ପତି, ସୁଶାନ୍ତ ଆଚାରି, ରଘୁନାଥ ରେଡ୍ଡୀ, ଅଜୟ ବାରିକି, ପ୍ରବୀର ପାଢ଼ୀ, ଶିବ ଶଙ୍କର ବେହେରାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅନ୍ୟ କର୍ମଚାରୀ ଓ ଯୁକ୍ତ ତିନି ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।



## ଗାଲେରୀ କଲେଜରେ ଛାତ୍ରବୃତ୍ତି ପ୍ରଦାନ

**ଭଞ୍ଜନଗର,୬ ।୩(ସମିସ):** ଭଞ୍ଜନଗର ବ୍ଲକ ଗାଲେରୀ ସ୍ଥିତ ଦଣ୍ଡପାଣି ମହାରଥା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ନୂଆ ଓ ମାଧ୍ୟମରେ ପ୍ରଦତ୍ତ ଶିକ୍ଷା ବୃତ୍ତି ଅନୁଦାନ ପତ୍ର ବଣ୍ଟନ କରାଯାଇଛି । ଏଥି ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ସଭାପତି ରୂପେ ଓ ଅଞ୍ଚଳର ସମାଜସେବୀ ସୂର୍ଯ୍ୟ ନାରାୟଣ ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜୁବାବୁଙ୍କ ସମ୍ପର୍କରେ ଅବଗତ କରାଇବା ସହ ଛାତ୍ରଛାତ୍ରୀଙ୍କୁ ନୂଆ ଓ ସ୍କଲାରସିପ୍ ଅନୁଦାନ ପତ୍ର ବଣ୍ଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ସରକାରଙ୍କ ଏହି ପଦକ୍ଷେପକୁ ମଞ୍ଚାସୀନ ଅତିଥି ମାନେ ଭୂୟସୀ ପ୍ରଶଂସା କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ୫-ଟି ଅଧ୍ୟକ୍ଷ ଭି. କେ ପାଣ୍ଡିଆନ୍‌ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଅଧ୍ୟାପକ ଦୁର୍ଗା ମାଧବ ଦାଶ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା ରେ ସଙ୍ଗୀତା, ଶିବାନୀ, ଶୁଭଶ୍ରୀ, କାବେରୀ, ସ୍ୱର୍ଣ୍ଣ, ଶ୍ରୀକାନ୍ତ, ପ୍ରଭାତ, ପବିତ୍ର ଆଦି ଛାତ୍ରଛାତ୍ରୀ ତଥା ବଙ୍ଗାଳି ସମେତ ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।



# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ବୁଗୁଡା, ୬ ।୩(ସମିସ): ସ୍ଥାନୀୟ ବଳଦେବସ୍ୱାମୀ ବସଷ୍ଟାଣ୍ଡ ପରିସରରେ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ପୌରୋହିତ୍ୟରେ



ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢ଼ୀ, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରାଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ଦଳୀୟ କର୍ମୀ ଓ ବିଜୁପ୍ରେମୀ ଯୋଗ ଦେଇଥିଲେ ।ଏଥି ସହ ବସଷ୍ଟାଣ୍ଡରୁ କଲେଜ ଛାତ୍ରୀଙ୍କୁ ନେଇ ଏକ ସାଇକେଲ ଶୋଭାଯାତ୍ରା ହୋଇଥିଲା ।

**ଆସିକା:** ଆସିକାରେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି । ଆସିକା ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ କଳାକାର ସଂଘର ସମଫ କଳାକାର ମାନେ



ନାମ ସଂକୀର୍ତ୍ତନ ମଧ୍ୟମରେ ନଗର ପରିକ୍ରମା କରିଥିଲେ । ଆସିକା ବିଜୁ ଜନତା ଦଳର ବରିଷ୍ଠ ନେତା ମାନଙ୍କଠୁ ଆରମ୍ଭ କରି ଯୁବ ଛାତ୍ର, ମହିଳାଙ୍କ ସମେତ ହଜାର ହଜାର ସଂଖ୍ୟାରେ ଲୋକ ମାନେ ଯୋଗଦେଇ ଥିଲେ । ବିଜୁ ଜୟନ୍ତୀ ଅବସରରେ ଘର ବାହୁଡା ହେଲେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଲେ ସରୋଜ ସାହୁ, ଅମଲା ସଂଘ ନେତା ପ୍ରସନ୍ନ ତ୍ରିପାଠୀ ବିଜେଡିରେ ଯୋଗ ଦେଇଥିଲେ । ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ଜିଲ୍ଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ବିଜେଡି ନେତା ଭଗବାନ ସାହୁ, ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ନାହାକ, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ସଂଯୋଜକ ସୂର୍ଯ୍ୟକାନ୍ତ ପରିଡ଼ାଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।





**ପୋଲସରା:** ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ପୋଲସରା ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି । ବିଧାୟକ ଶ୍ରୀକାନ୍ତ ସାହୁ ସହରର ବସଷ୍ଟାଣ୍ଡ ଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଥିଲେ । ବ୍ଲକ ବିଜେଡି ସଭାପତି ସମସ୍ତ କର୍ମୀ ତଥା ବିଜୁ ପ୍ରେମୀଙ୍କୁ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ଯୁବ ସଂଗଠକ ତଥା ସମାଜସେବୀ ଧରଣୀଧର ପଣ୍ଡା, ଅଧ୍ୟକ୍ଷ ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ, ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା, ନଗର ଅଧ୍ୟକ୍ଷା ସଙ୍ଗୀତା ବେହେରା, ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ପ୍ରତିନିଧି ଘନଶ୍ୟାମ ଦାସ, ସାଂସଦ ପ୍ରତିନିଧି ପ୍ରତାପ କୁମାର ପ୍ରଧାନ, ମୋତିରାମ ସାହୁ, ବିଧାୟକ ପ୍ରତିନିଧି ସୁକାନ୍ତ କୁମାର ଭୂୟାଁ, କେ. ତ୍ରିଲୋଚନ ଦୋରା, ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରଞ୍ଜନ କୁମାର ସାହୁ, ଜିଲ୍ଲା ମହିଳା ବିଜେଡି ଉପ ସଭାନେତ୍ରୀ କବିତା ସାହୁ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସଂଯୁକ୍ତା ବାଡ଼ତ୍ୟା, ନଗର ବିଜେଡି ସଭାପତି ରଞ୍ଜିତ କୁମାର ସାହୁ, ପୂର୍ବତନ ନଗର ସଭାପତି ଭଗବାନ ସାହୁ, ଛାତ୍ର ବିଜେଡି ସଭାପତି ସମୀର କୁମାର ଭୂୟାଁ, ବ୍ଲକ ଯୁବ ବିଜେଡି ସଭାପତି ଶିଲୁ ଦଳେଇ ସମେତ ପୋଲସରା ଓ ବୁଗୁଡ଼ା ବ୍ଲକ, ଏନ୍.ଏ.ସି.ର ସମସ୍ତ ନିର୍ବାଚିତ ଜନପ୍ରତିନିଧି ଏବଂ ଯୁବ, ମହିଳା, ଛାତ୍ର ନେତା ମାନେ ଅଂଶଗ୍ରହଣ କରିଥିଲେ ।

**ରଙ୍ଗେଇଲୁଣ୍ଡା:** ବିଜୁ ପଟ୍ଟନାୟକଙ୍କର ୧୦୮ ତମ ଜୟନ୍ତୀ ଗୋପାଳପୁର ନିର୍ବାଚନ ମଣ୍ଡଳୀ କନିସି ହାଟରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଅଜିତ କୁମାର ଦାଶ ସଭାପତିତ୍ୱ କରିଥିଲା ବେଳେ ବ୍ରହ୍ମପୁର ସାଂସଦ ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ମେହେର ସଂଘମିତ୍ରା ଦଳେଇ, ଜିଲ୍ଲା ପରିଷଦ ଉପସଭାପତି ଏସ. ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷ ସିଏଚ ଉଷା ରାଣୀ, ଉପାଧ୍ୟକ୍ଷ ଅନିତା ମାହାଙ୍କୁଡ, ବ୍ରହ୍ମପୁର ଡେପୁଟି ମେୟର ଇ.ବିବେକ ରେଡି, ୫୪ନଂ ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ସିଏଚ ଭରତ ପାତ୍ର ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ନାୟକ, ଅଜିତ ରାଉଳ ଯୋଗ ଦେଇଥିଲେ । ଏହି ଅବସରରେ ଯୁବ ନେତା ସୁବାଶିଷ ସାହୁ, ରାମ ହରି ପାତ୍ର, କେ. ପ୍ରବୀଣ କୁମାର, ପ୍ରତାପ ଚନ୍ଦ୍ର କୋଠିଆ, ବାନି ଲେଙ୍କା, ଜୟ ସାହୁ, ଦଣ୍ଡ ବେହେରା, ପ୍ରଶାନ୍ତ ଦାସ, ବାଇରୀ ପାତ୍ର, ଭାରତୀ ନାୟକ, ଦଣ୍ଡ ପାଣିଗ୍ରାହୀ, ସନ୍ତୋଷ ବେହେରା, ଦୁର୍ଯ୍ୟୋଧନ ରେଡି, ପ୍ରକାଶ ସେଠି, ସସ୍ମିତା ବେହେରା, ପ୍ରକାଶ ସାମନ୍ତ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ପଞ୍ଚାୟତିରାଜ ଦିବସ ପାଳିତ




ସାନଖେମୁଣ୍ଡି, ୬ ।୩(ସମିସ): ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ତଥା ଲୋକ ସେବା ଦିବସ ପାଳନ କରାଯାଇଥିଲା । ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର ମଞ୍ଚାସିନ ରହିଥିଲେ । ଜିଲ୍ଲା ପରିଷଦ ସଭ୍ୟ ଅମିନ ପ୍ରଧାନ, ପ୍ରତିନିଧି ଶଙ୍କର୍ଷଣ ସ୍ୱାଇଁ, ଉପାଧ୍ୟକ୍ଷା ପ୍ରତିନିଧି ସଞ୍ଜୟ ନାୟକଙ୍କ ସମେତ ସାନଖେମୁଣ୍ଡି ବ୍ଲକର ସମସ୍ତ ସରପଞ୍ଚ ସମିତି ସଭ୍ୟ ପ୍ରମୁଖ ଏହି ଦିବସ ପାଳନର ଲକ୍ଷ୍ୟ ଏବଂ ବିଜୁ ବାବୁଙ୍କ ସ୍ୱପ୍ନ ସମ୍ପର୍କରେ ପ୍ରକାଶ କରିଥିଲେ । ବ୍ଲକର ସମସ୍ତ କର୍ମଚାରୀ, ଜେଇ, ଜିଆରଏସ ପ୍ରମୁଖ ଉପସ୍ଥିତ ରହିଥିଲେ ।

**କୋଦଳା:** ବେଗୁନିଆପଡ଼ା ବ୍ଲକ ମର୍ଦ୍ଦରାଜ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଏଥିରେ ବିଡ଼ିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ରେଣୁ ଗୌଡ଼, ଏବିଡିଓ ନିରଞ୍ଜନ



ବେହେରା, ସମାଜସେବି ମହେଶ୍ୱର ବରାଡ଼ ଜିଲ୍ଲା ପରିଷଦ ସଦସ୍ୟା କଲ୍ୟାଣୀ ପାତ୍ର, ଜିପିଡିଓ ଅଶୋକ କୁମାର ଜେନା ଙ୍କ ସମେତ ଅନେକ ଜନପ୍ରତିନିଧି ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।

**ରଙ୍ଗେଇଲୁଣ୍ଡା:** ପଞ୍ଚାୟତିରାଜ ଦିବସ ରଙ୍ଗେଇଲୁଣ୍ଡା ବ୍ଲକରେ ପାଳିତ ହୋଇଯାଇଛି । ଅତିଥି ରୂପେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷ ସିଏଚ ଉଷା ରାଣୀ, ଉପାଧ୍ୟକ୍ଷା ଅନିତା ମହାଙ୍କୁଡ଼ ଯୋଗଦେଇ ବିଜୁ ବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବିଡିଓ ଅଂଶୁମାନ ମହାପାତ୍ର



ସଭାପତିତ୍ୱ କରିଥିଲେ । ବିପିଏମ ଅଜୟ ଦାସ ସଭା ପରିଚାଳନା କରିଥିଲେ । ଏବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ବ୍ରହ୍ମପୁର ଡେପୁଟି ମେୟର ବିବେକ ରେଡି, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ, ସମୀର ପଟ୍ଟନାୟକ, ଏବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ବିଏସଏସଓ ଲକ୍ଷ୍ମୀ ନୃସିଂହ ପଟ୍ଟନାୟକ, ସରପଞ୍ଚ ଅଜିତ କୁମାର ରାଉଳ, ଦଣ୍ଡ ବେହେରା, ସମିତି ସଭ୍ୟ ବିଷ୍ଣୁପ୍ରିୟା ନାୟକ, କେ ପ୍ରବୀଣ କୁମାର, ସନ୍ତୋଷ କୁମାର ବେହେରା, ଭରତ ପାତ୍ର, ବଇରୀ ପାତ୍ର, ଅରୁଣ ନାୟକ ଭକ୍ତ ନାହକ, ସସ୍ମିତା ବେହେରା, ପ୍ରକାଶ ସେଠୀ, ପ୍ରକାଶ ଚନ୍ଦ୍ର ସାମନ୍ତ, ସୁବାଶିଷ ସାହୁ, ଶଶୀଭୂଷଣ ମହାନ୍ତି, ଯଯାତି ପାତ୍ର ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବଙ୍କ ଶେରଗଡ଼ ଗସ୍ତ

ଶେରଗଡ଼, ୬ ।୩(ସମିସ): ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର ଶେରଗଡ଼ ବ୍ଲକ ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ ଶେରଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ଦେଖିବା ସହ ସ୍ଥାନୀୟ ଜନପ୍ରତିନିଧିଙ୍କ ପଞ୍ଚାୟତର ବିଭିନ୍ନ ସମସ୍ୟା ବାବଦରେ ପଚାରି ବୁଝିଥିଲେ । ଏହା ପରେ ଧବଳପୁର ବଳେଶ୍ୱର ଓ ସ୍ୱପ୍ନେଶ୍ୱର ମନ୍ଦିର କାର୍ଯ୍ୟ ବୁଲି ଦେଖିବା ସହ ସେଠାରେ ଶିବରାତ୍ରି ଉପଲକ୍ଷେ ୧ ଲକ୍ଷ ୮ ଦ୍ୱୀପ ପ୍ରଜ୍ୱଳନ ଲାଗି ଜାରି ରହିଥିବା ନାମଯଜ୍ଞ, ଅନ୍ନଯଜ୍ଞ ପରିଦର୍ଶନ କରିଥିଲେ । ପରିଶେଷରେ ବ୍ଲକ ସମ୍ମିଳନୀ କକ୍ଷରେ



ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ବିଡିଓ ଶିବାଶିଷ ବରାଳ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତଚନ୍ଦ୍ର ମହାପାତ୍ର, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଉପାଧ୍ୟକ୍ଷା ପ୍ରତିନିଧି କାହ୍ନୁ ଚରଣ ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ଶରତ ପାତ୍ର, ସମାଜସେବୀ ଅବନୀ କୁମାର ଦାସ, ଯୁବ ନେତା ବାସୁଦେବ ସ୍ୱାଇଁ, ବରିଷ୍ଠ ନେତା ମେଘନାଦ ଦାସ, ସମୀର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ପାଣିଗ୍ରାହୀ, ଯୁବ ନେତା ଇ.ଚିନ୍ମୟ ପାତ୍ରଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

# ନାବାଳିକାଙ୍କୁ ପ୍ରତାରଣା, ଯୁବକ ଗିରଫ

ପୁରୁଷୋତ୍ତମପୁର, ୬ ।୩(ସମିସ): ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ସହ ଗର୍ଭପାତ କରିଥିବା ଅଭିଯୋଗ ହୋଇଛି । ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଡାକ୍ତରୀ ମାଇନା ପରେ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅଞ୍ଚଳର ଆକାଶ ବେହେରା (୨୧) । ନାବାଳିକା ଜଣକ ଏକ ଅପରିପକ୍ୱ ମୃତ ଶିଶୁ କନ୍ୟା ଜନ୍ମ ଦେଇଥିବା ବେଳେ ପୁଲିସ ବ୍ରହ୍ମପୁର ବଡ ମେଡିକାଲକୁ ବ୍ୟବଛେଦ ନିମନ୍ତେ ପଠାଇଛି । ଘଟଣା ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ନାବାଳିକା ତାଙ୍କ ବାପାଙ୍କ ସହ ପେଟରେ ଯନ୍ତ୍ରଣା ହେଉଥିବା କହି ପୁରୁଷୋତ୍ତମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ । ଏହି ସମୟରେ ଡାକ୍ତର ଚିକିତ୍ସା କରିବା ବେଳେ ନାବାଳିକା ମୃତ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ । ଏହି ମୃତ ଶିଶୁଟି ଅପ୍ରାପ୍ତ ୪ରୁ ୫ ମାସର ହୋଇଥିବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ପୂର୍ବରୁ ନାବାଳିକାଟି ଅନ୍ୟକେଉଁ ସ୍ଥାନରେ କିଛି ଔଷଧ ଓ ଇଞ୍ଜେକସନ ନେଇଥିବାରୁ ପେଟରେ ଶିଶୁଟିର ମୃତ୍ୟୁ ଘଟିଥିବାର ନେଇ ଡାକ୍ତର କହିଛନ୍ତି । ଏପରିକି ଘଟଣାକୁ ନେଇ ସେ ପୋଲିସକୁ ଲିଖିତ ଭାବରେ ଜଣାଇଥିବା ନେଇ କହିଛନ୍ତି । ପ୍ରସବ ପରେ ନାବାଳିକା ସୁସ୍ଥଥିବା ଜଣାପଡ଼ିଛି ।

# 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ

ରମ୍ଭା, ୬ ।୩(ସମିସ): ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସଭା ଗୃହରେ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ନୂଆ -ଓ ଛାତ୍ର ବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଅଭିମନ୍ୟୁ ସାହୁ ସ୍ୱାଗତ ଓ ସଭା ସଂଯୋଜନା କରିଥିଲେ । ପ୍ରାରମ୍ଭରେ ମଞ୍ଚାସିନ ବ୍ୟକ୍ତିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ପ୍ରାରମ୍ଭିକ ସଙ୍ଗୀତ ସରସ୍ୱତୀ ତରେଇ, ଲକ୍ଷ୍ମୀପ୍ରିୟା ବେହେରା ଓ ଯାଜ୍ଞସେନୀ ନାହାକ ଗାନ କରିଥିଲେ । ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ପୁରୀ ମନ୍ଦିର ପୂର୍ବତନ ପ୍ରଶାସକ ପ୍ରସନ୍ନ କୁମାର ହୋତ୍ତା, ଉତ୍କଳ ସ୍ୱାଭିମାନ ମଞ୍ଚର ବରିଷ୍ଠ ଉପଦେଷ୍ଟା ରାଧାକାନ୍ତ ଦାଶ, ବରିଷ୍ଠ ସଦସ୍ୟ ପ୍ରଭାକର ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରସାଦ ରାଓ ପୃଷ୍ଟି, ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ପଞ୍ଚାନନ ଖଟୁଆ, ଅବଦୁଲ କଲାମ ଚାରିଟେବଲ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ପଞ୍ଚାନନ ସୁର, ଚନ୍ଦ୍ରଶେଖର ନାୟକ, ଗୋକୁଳ ଚନ୍ଦ୍ର ନାହାକ, ଅଧ୍ୟାପକ ବିପିନ କୁମାର ଦାଶ ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ କାର୍ଯ୍ୟକ୍ରମର ନୂଆ-ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ହେମନ୍ତ କୁମାର




ଦାଶ, ଅଧ୍ୟାପକ ରଞ୍ଜିତ କୁମାର ପାଣିଗ୍ରାହୀ, ନିରଞ୍ଜନ ମହାନ୍ତି, ବ୍ରଜମୋହନ ପଣ୍ଡା, ଅଲିଶ୍ରୀ ଆଚାରୀ, ଡ଼ଃ ସାଗରିକା ମହାପାତ୍ର, ଗୌରୀ ବଳବନ୍ତ ରାୟ, ସ୍ୱାତି ଦେବୀ, ଗଣେଷ ବେହେରା, ଜିତେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ । ଓଡ଼ିଆ ଅଧ୍ୟାପକ ଡ଼ଃ ଭାସ୍କର ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।

**ସୋରଡା:** ଋଷିକୂଲ୍ୟା ସ୍ନାତକ ମହାବିଦ୍ୟାଳୟରେ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାଢି, ଡ଼ା ହୃଷୀକେଶ ମିଶ୍ର, ପ୍ରଦୀପ କୁମାର ସ୍ୱାଇଁ, ସୁଧାଂଶୁ ଶେଖର ପଣ୍ଡାଙ୍କ ସହ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କାଉନସିଲର କାଜଲ ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ଉପସ୍ଥିତ ରହିଥିବା ବେଳେ ୪୭୨ ଜଣଙ୍କୁ ଏହି ବୃତ୍ତି ପାଇଁ



ରେଜିଷ୍ଟ୍ରେସନ କରି ମୋବାଇଲ ମାଧ୍ୟମରେ ବୃତ୍ତି ରାଶି ଦେଖି ବେଶ ଖୁସି ରହିଥିବା ଦେଖିବାକୁ ମିଳିଥିଲା । ସନ୍ତୋଷ ପାତ୍ର, ବାଇମନ ଡାକୁଆ ସୋମନାଥ ପାତ୍ରଙ୍କ ସହ ଲିପ୍ସା ପଉନାଇକ, ମଧୁସ୍ମିତା ସାହୁ, ନନ୍ଦିନୀ ତାରିଣୀ, ସନ୍ତୋଷ ପାତ୍ର, ବାଇମାନ ଡାକୁଆ ସୋମନାଥ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

**ଦିଗପହଣ୍ଡି:** ଦିଗପହଣ୍ଡି ବିଜୁ ପଟ୍ଟନାୟକ ସ୍ନାତକ ମହିଳା ମହାବିଦ୍ୟାଳୟ,



ଖେମୁଣ୍ଡି ମହାବିଦ୍ୟାଳୟ ଏବଂ ଭିଷ୍ମଗିରି ରାମଜୀ ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ. ସ୍ୱାଗତିକା ପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଅଧ୍ୟାପିକା ସସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ ଆଇନଜୀବୀ ହରପ୍ରସାଦ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୩୦୩ ହିତାଧିକାରୀ ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ । ଅଧ୍ୟାପିକା ଡ. ସୁଜାତା ପାତ୍ର, ସୌଦାମିନୀ ବେହେରା ଏବଂ ଚନ୍ଦନ ଦାସ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ସେହିଭଳି ଖେମୁଣ୍ଡି କଲେଜରେ ଅଧ୍ୟକ୍ଷ ଅନୁପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ୧୩୧୨ ଏବଂ ଭୀଷ୍ମଗିରି ରାମଜୀ କଲେଜରେ ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ୬୭୦ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ।

**ବୁଗୁଡ଼ା:** ସ୍ଥାନୀୟ ପିପୁଲସ କଲେଜ ସମ୍ମିଳନୀ କକ୍ଷରେ ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ କଲେଜ ପରିଚାଳନା କମିଟି ସଭାପତି ରଜନୀ କାନ୍ତ ଭଞ୍ଜ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରବୀନ୍ଦ୍ର ପୋଲେଇ, କିଶୋର



ଚନ୍ଦ୍ର ଶବର, ଅନିଲ କୁମାର ସେଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏ ଅବସରରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଛାତ୍ରବୃତ୍ତି ହିସାବରେ ପ୍ରତି ଛାତ୍ରଙ୍କୁ ୯ ହଜାର ଓ ଛାତ୍ରୀଙ୍କୁ ୧୦ ହଜାର ଟଙ୍କାର ଅନୁଦାନ ପତ୍ର ବଣ୍ଟନ କରାଯାଇଥିଲା ବେଳେ କଲେଜର ୧୧୫୬ ଜଣ ସ୍ନାତକ ଛାତ୍ରଛାତ୍ରୀ ଏହି ସୁଯୋଗ ହାସଲ କରିଥିଲେ । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଆମ୍ ପ୍ରକାଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

**ପୋଲସରା:** ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ନୂଆଁ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ପୋଲସରା କଲେଜ୍ ଅଧ୍ୟକ୍ଷ ପ୍ରମୋଦ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଛାତ୍ରବୃତ୍ତି ବିତରଣ କରିଥିଲେ । ମହାବିଦ୍ୟାଳୟରେ ପଢୁଥିବା ୯ ୯୧ ଜଣ ଛାତ୍ର ଛାତ୍ରୀଙ୍କୁ ଏହି



ବୃତ୍ତିରାଶି ସିଧା ସଳଖ ନିଜ ବ୍ୟାଙ୍କ୍ ଆକାଉଣ୍ଟ ଖାତାରେ ପ୍ରଦାନ କରାଯାଉଛି । ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବେସରକାରୀ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଏହି ଟଙ୍କା ସିଧା ସଳଖ ତାଙ୍କ ବ୍ୟାଙ୍କ୍ ଖାତାରେ ପ୍ରଦାନ କରାଯିବ । ଯୁବକମାନଙ୍କୁ ସଶକ୍ତିକରଣ, ନିଜସ୍ୱ ଦକ୍ଷତା ବିକାଶ ତଥା ରାଜ୍ୟ ସମୃଦ୍ଧିରେ ନିଜସ୍ୱ ସହଭାଗିତା ଏବଂ ରୂପାନ୍ତରଣ କାର୍ଯ୍ୟ ପରିପ୍ରେକ୍ଷୀରେ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ନେଇ ବିଧାୟକ କହିଥିଲେ ।

**କବିସୂର୍ଯ୍ୟନଗର:** ସ୍ଥାନୀୟ କବି ସୂର୍ଯ୍ୟବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ ନୂଆ - ଓ ଛାତ୍ର ବୃତ୍ତିର ପ୍ରମାଣ ପତ୍ର/ଅନୁଦାନ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗ ଦେଇ ଛାତ୍ର ବୃତ୍ତିର ପ୍ରମାଣ ପତ୍ର/ ଅନୁଦାନ ପତ୍ର ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଥିଲେ । ତାଙ୍କ ସହ କବିସୂର୍ଯ୍ୟନଗର ଏନଏସି ଅଧ୍ୟକ୍ଷା, ମହା ବିଦ୍ୟାଳୟ ପରିଚାଳନା



ସମିତିର ସଭାପତି, ମହାବିଦ୍ୟାଳୟ ଅଧ୍ୟକ୍ଷ, ଏବଂ ଅଧ୍ୟାପକ ଅଧ୍ୟାପିକା, ମହା ବିଦ୍ୟାଳୟ ର ଅନ୍ୟାନ୍ୟ କର୍ମଚାରୀ ଓ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

